ଧରିତ୍ରୀ
DHARITRI

May 2-8, 2021 ₹ 2/-

# ଛୁଟିଦିନ



# ହସ

୩
ପ୍ରଚ୍ଛଦ ପ୍ରସଙ୍ଗ

ହସ ଜୀଇଁବା ଶିଖାଏ ପୁଣି ମହୌଷଧି ପରି କାମ କରେ। ଶରୀରକୁ ଉତ୍ତମ ମାତ୍ରାରେ ଅମ୍ଳଜାନ ଯୋଗାଇବାରେ ହସର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଶରୀର ଓ ଜୀବନ ପାଇଁ ହସ କେତେ ଜରୁରୀ ତାକୁ ନେଇ ଉପସ୍ଥାପନା...

୧୩
ସହରଠୁ ଦୂର

୮/୯
ସିନେମା



# ସୈନ୍ଧବ ଲୁଣର ଉପକାରିତା

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ସୁଖ ଶାନ୍ତି ପାଇଁ ଲୁଣର ମଧ୍ୟ ଅନେକ ଉପକାରିତା ରହିଛି। ବିଶେଷ କରି ସୈନ୍ଧବ ଲୁଣର କ'ଣ ସବୁ ଫାଇଦା ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

*କୁହାଯାଏ, ଘରର ସଦସ୍ୟଙ୍କ ଭିତରେ କଳହ ଲାଗୁଥିଲେ କିମ୍ବା ସ୍ୱାମୀସ୍ତ୍ରୀଙ୍କ ଭିତରେ ବାରମ୍ବାର ମନାନ୍ତର ହେଉଥିଲେ, ଶୟନ କକ୍ଷର ଗୋଟିଏ କୋଣରେ କିଛି ସୈନ୍ଧବ ଲୁଣ ଗିନାରେ ରଖିଦେବେ।



*ମାସେ ପରେ ଉକ୍ତ ଲୁଣକୁ କାଢିନେଇ ପୁନର୍ବାର ସେହି ଉପାୟରେ କିଛି ନୂଆ ଲୁଣକୁ ରଖିବେ। କିଛିଦିନ ଏପରି କଲେ ଘରେ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ।

*ତା'ସହିତ ମାନସିକ ଅଶାନ୍ତି ଦୂର ହୋଇ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ।

* ସେହିପରି ଘରେ କାହାରି ଦେହ ଖରାପ ଥିଲେ, ତାଙ୍କ ମୁଣ୍ଡ ପାଖରେ ଗିନାରେ କିଛି ସୈନ୍ଧବ ଲୁଣ ରଖିଦେଲେ, କୁହାଯାଏ ଧୀରେ ଧୀରେ ରୋଗୀ ଠିକ ହେବାକୁ ଲାଗିଥାନ୍ତି।

*କିନ୍ତୁ ଧ୍ୟାନ ଦେବେ ଶୋଇଲା ବେଳେ ରୋଗୀଙ୍କ ମୁଣ୍ଡ ଯେମିତି ପୂର୍ବ ଦିଗକୁ ରହୁଥିବ, ଯଦ୍ୱାରା ଶୀଘ୍ର ସୁଫଳ ମିଳିବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨-୮

**ମେଷ:** ଉତ୍ସାହିତ ରହିବେ, ବନ୍ଧୁ ସହଯୋଗ ମିଳିବ, କର୍ମକ୍ଷେତ୍ରରେ ସଫଳତା, ବ୍ୟବସାୟରେ ଉନ୍ନତି, ବିବାଦରେ ବିଜୟ, ଅର୍ଥ ସଂକଟ ଦେଖାଦେବ, ପାରିବାରିକସ୍ଥିତି ଭଲ ରହିବ, ଭ୍ରମଣଯାତ୍ରା ବାଧାପ୍ରାପ୍ତ ହେବ, ଶୁଭଖବର ପାଇବେ।

**ବୃଷ:** ମାନସିକ ଦୁଶ୍ଚିନ୍ତା, ବନ୍ଧୁଙ୍କ ଅଭିଯୋଗ, ଋଣ ଚିନ୍ତା ଘାରିବ, କାର୍ଯ୍ୟସାଧନରେ ବିଳମ୍ବ, ପରିବହନରେ ଉନ୍ନତି, ପଡ଼ୋଶୀଙ୍କ ସଦ୍ଭାବ, ପରୀକ୍ଷାରେ କୃତିତ୍ୱ, ଭ୍ରାତୃ ସମ୍ପର୍କରେ ଉନ୍ନତି, ବିଜାତୀୟଙ୍କ ବିତର୍କ, କାମରେ ମନ ଲାଗିବନି।

**ମିଥୁନ:** ଶୁଭଖବର ପାଇବେ, ଆଶଙ୍କା ଦୂର ହେବ, କର୍ମାରମ୍ଭରେ ଶିଥିଳତା, ଆର୍ଥିକ ସ୍ଥିତି ମଧ୍ୟମ ରହିବ, ନୀରବଦ୍ରଷ୍ଟା ହୋଇପାରନ୍ତି, ଚାପ କମିବ, ନିର୍ଭରଶୀଳତାରୁ ମନସ୍ତାପ, ପରିବାରରେ ମତାନ୍ତର।

**କର୍କଟ:** ଅସ୍ଥିରତା ଦୂର ହେବ, ଉପରିସ୍ଥଙ୍କ ପ୍ରଶଂସା, ସହକର୍ମୀଙ୍କ ଅଭିଯୋଗ, ଆନୁଷ୍ଠାନିକ କାମରେ ବ୍ୟସ୍ତତା, ପଡ଼ୋଶୀଙ୍କ ସହଯୋଗ ମିଳିବ, ବିବାଦରୁ ଦୂରେଇ ରହନ୍ତୁ, ପାରିବାରିକ ଦ୍ୱନ୍ଦ୍ୱ, ବାଣିଜ୍ୟରେ ପ୍ରତିବନ୍ଧକ।

**ସିଂହ:** ବନ୍ଧୁମିଳନରୁ ଆନନ୍ଦ, ଟେନ୍‌ସନ ଦୂର ହେବ, ଖର୍ଚ୍ଚ ପରିମାଣ ବୃଦ୍ଧି, ଖାଦ୍ୟପେୟରେ ଅନିୟମିତତା, ସମ୍ପର୍କୀୟଙ୍କ ଅପପ୍ରଚାର, ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ଲେଖାପଢ଼ାରେ ଶିଥିଳତା, ପ୍ରଶାସନିକ ଅସ୍ଥିରତା।

**କନ୍ୟା:** ନୂତନ କର୍ମାରମ୍ଭ, ଆନୁଷଙ୍ଗିକ ସାହାଯ୍ୟପ୍ରାପ୍ତି, ବୁଦ୍ଧିଜୀବୀଙ୍କ ପରାମର୍ଶ, ପାରିବାରିକ ସହମତି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଜମିଜମା କ୍ରୟବିକ୍ରୟ, ରୋଗପୀଡ଼ା କମିବ।

**ତୁଳା:** ସ୍ଥିର ନିଷ୍ପତ୍ତି ନେବେ, ବନ୍ଧୁମାନଙ୍କ ସମର୍ଥନ, ଶତ୍ରୁତାରୁ କାର୍ଯ୍ୟହାନି, ଅର୍ଥପ୍ରାପ୍ତିରେ ବିଳମ୍ବ, ଧର୍ମାନୁଷ୍ଠାନରେ ସହଯୋଗିତା, ଯାତ୍ରା ସ୍ଥଗିତ ରହିବ, ସଙ୍ଗୀତ ସାଧନାରେ ରୁଚି, ପରିବାରରେ ପ୍ରତିବାଦ, ନିର୍ମାଣରେ ସମସ୍ୟା, ଭୂସମ୍ପତ୍ତିକୁ ନେଇ କଳହ।

**ବିଛା:** ଅନ୍ୟମନସ୍କ ରହିବେ, ବନ୍ଧୁଙ୍କ ପ୍ରତାରଣା, ସ୍ୱାସ୍ଥ୍ୟ ସମସ୍ୟା ରହିବ, ପାରିବାରିକ ସହଯୋଗ, ସନ୍ତାନହେତୁକ ଗୌରବ, ବିବାଦର ସମାଧାନ, ସହକର୍ମୀଙ୍କ ସୌଜନ୍ୟତା, କ୍ରୀଡ଼ା କଳାନୁରାଗ, ବ୍ୟବସାୟିକ ଉତ୍କର୍ଷତା।

**ଧନୁ:** କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡ଼ୋଶୀଙ୍କ ପ୍ରତିବାଦ, ପିଲାଙ୍କ ପଢ଼ା ସମସ୍ୟା, ମନ ଭାରାକ୍ରାନ୍ତ ରହିବ, ପ୍ରାପ୍ୟଧନରେ ବାଧା, ଶରୀର ପିଡା ବଢିବ, ଦୂରଯାତ୍ରାରେ ସଫଳତା, ଅଶୌଚ ଖବର ପାଇପାରନ୍ତି।

**ମକର:** ନୂତନ ସମ୍ପର୍କରେ ମତାନ୍ତର, ଖଳଲୋକଙ୍କ ଅନୁପ୍ରବେଶ, ରୁକ୍ଷକଥାରୁ କଳହ, ବିଦେଶଯାତ୍ରାରୁ ବିରତ, ସାମାଜିକ ସମ୍ମାନ, ଗବେଷଣାରେ ଅଗ୍ରଗତି, ଅର୍ଥନୈତିକ ଅଭିବୃଦ୍ଧି, ଆଇନ ସହାୟତା ପାଇବେ।

**କୁମ୍ଭ:** କର୍ମଜଞ୍ଜାଳ ବୃଦ୍ଧି, ଅଧ୍ୟାପନାରୁ ପ୍ରଶଂସା, ଟେନ୍‌ସନ କମିଯିବ, ଅନିଦ୍ରାଜନିତ ପୀଡ଼ା। ପରୋକ୍ଷ ଶତ୍ରୁତା, ସ୍ତ୍ରୀଙ୍କ ସହ ମତାନ୍ତର, ଧର୍ମକାର୍ଯ୍ୟରେ ତତ୍ପରତା, ପରିବହନରେ ଝଗଡ଼ା, ନୂତନ ଚୁକ୍ତିପତ୍ର, ରାଜନୈତିକ ବିବାଦ।

**ମୀନ:** ଦ୍ୱନ୍ଦ୍ୱମୁକ୍ତ ହେବେ, ନୂତନ ସମ୍ପର୍କ ଯୋଡ଼ିବେ, ପରିବାରରେ ଭୁଲ୍ ବୁଝାମଣା, ହଜିଥିବା ଜିନିଷ ମିଳିବ, ଉପରିସ୍ଥଙ୍କ କୈଫିୟତ ତଲବ, ନିରାଶ ହେବେନି, ଶରୀର ପୀଡ଼ା ଘଟିପାରେ, ବୃଥା ସନ୍ଦେହରୁ ଯୁକ୍ତିତର୍କ, ବ୍ୟବସାୟିକ ସଫଳତା।

# ନଖ:କିଛି ଜଣା ଅଜଣା କଥା

**ଗୋ**ଡ଼ ନଖ ତୁଳନାରେ ହାତ ନଖ ୪ଗୁଣା ଶୀଘ୍ର ବଢିଥାଏ। ସେହିପରି ହାତ ନଖ ତୁଳନାରେ ଗୋଡ ନଖ ୨ଗୁଣ ଅଧିକ ମୋଟା ହୋଇଥାଏ। ଅନ୍ୟପକ୍ଷେ ପାଞ୍ଚ ଆଙ୍ଗୁଠି ମଧ୍ୟରୁ ମଧ୍ୟମ ଆଙ୍ଗୁଠିର ନଖ ସବୁଠୁ ଶୀଘ୍ର ବଢୁଥିବା ବେଳେ ବୁଢ଼ା ଆଙ୍ଗୁଠିର ନଖ ସବୁଠୁ ଧୀରେ ବଢିଥାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମହିଳାଙ୍କ ତୁଳନାରେ ପୁରୁଷଙ୍କର ନଖ ଶୀଘ୍ର ବୃଦ୍ଧି ପାଇଥାଏ। ସେହିପରି ଥଣ୍ଡାଦିନ ଅପେକ୍ଷା ଗରମ ଦିନେ ନଖ ଶୀଘ୍ର ଶୀଘ୍ର ବଢିଥାଏ। ଅନେକ ସମୟରେ ନଖ ଦେଖିକି ମଧ୍ୟ ସ୍ୱାସ୍ଥ୍ୟ ଭଲ ଅଛି କି ନାହିଁ ଜଣା ପଡିଯାଇଥାଏ। ବେଳେବେଳେ ନଖ ଉପରେ ଛୋଟ ଛୋଟ ଧଳା ବା ଗୋଲାପୀ ରଙ୍ଗର ଦାଗ ଦେଖା ଯାଇଥାଏ, ଯାହାର ଅର୍ଥ ହେଉଛି ଶରୀରରେ କିଛି ନା କିଛି ଗମ୍ଭୀର ସମସ୍ୟା ରହିଛି। ତେଣୁ ନଖକୁ ସୁସ୍ଥ ରଖିବା ପାଇଁ ତଟକା ପନିପରିବା ସହ ପ୍ରଚୁର ପାଣି ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି।



# ପାଠକୀୟ

ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି ହୁଅନ୍ତୁ କି ଭିକାରୀ ବଳ ଅବା ସୋନୁ ନିଗମ୍। ଏମାନେ ସମସ୍ତେ ସଙ୍ଗୀତ ଦୁନିଆର ଜଣେ ଜଣେ ରତ୍ନ। କାଳଜୟୀ ଏମାନଙ୍କ ସ୍ୱର। ସେଥିପାଇଁ ତ କିଛି ସଙ୍ଗୀତପ୍ରିୟ ମଣିଷ ଏହି ମହାନ୍ କଳାକାରଙ୍କୁ ମନ ମନ୍ଦିରରେ ପୂଜୁଛନ୍ତି। ତାଙ୍କ ଗୀତକୁ ଅନୁସରଣ କରୁଛନ୍ତି। ଆଉ ତାଙ୍କରି ଭଳି ଗୀତ ଗାଇ ଜିଣୁଛନ୍ତି ଅନେକଙ୍କ ହୃଦୟ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମିଶେ ଯେବେ ସୂର ସହ ସୂର'ଟି ଖୁବ୍ ସୁନ୍ଦର ହୋଇଥିଲା। 'ଘରେ ମୟୂରପୁଚ୍ଛ ରଖିଲେ' କ'ଣ ସବୁ ଉପକାର ହୁଏ, ତାହା ମଧ୍ୟ ଏଥରର ଛୁଟିଦିନରୁ ଜାଣିହେଲା।

***–ମାନସୀ ପ୍ରଧାନ, ରାଜକନିକା, କେନ୍ଦ୍ରାପଡ଼ା***

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମିଶେ ଯେବେ ସୂର ସହ ସୂର' ଏକ ସୁନ୍ଦର ତଥା ମନୋରମ ଆଲେଖ୍ୟ ଥିଲା। କରୋନା କାଳରେ 'କିପରି ବୃଦ୍ଧି ପାଇବ ରୋଗ ପ୍ରତିରୋଧକ ଶକ୍ତି' ତାହା ବିଷୟରେ ଛୁଟିଦିନରୁ ପଢ଼ି ଅନେକ କିଛି ଶିଖିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର, ନିର୍ଦ୍ଦେଶକ, ଗବେଷକ ତଥା କଳାପ୍ରେମୀ ସଂଗଠକ ଡ. ସମର ମୁଦାଲିଙ୍କ ଜୀବନୀ ସମ୍ପର୍କରେ ବହୁ ଜଣା ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ତୋର ମୋର ସାଙ୍ଗ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

***–ବନ୍ଦନା ତ୍ରିପାଠୀ, ସମ୍ବଲପୁର***

ସିନେମା ପୃଷ୍ଠାରେ ସ୍ଥାନିତ 'ମ୍ୟୁଜିକ୍ ମାୟାରେ ଦୀପକ', 'ସଲ୍‌ମାନ ବନାମ ଅକ୍ଷୟ', 'ରୋଷେଇ ଶିଖୁଛନ୍ତି ଆଲିୟା' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ସେହିପରି ଦିଲ୍ଲୀ ଏମ୍‌ସର ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞା ଡା: ଅନୀତା ପଣ୍ଡାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ମର୍ମସ୍ପର୍ଶୀ ହୋଇପାରିଥିଲା। 'ସମର୍ ଡ୍ରିଙ୍କ୍ସ' ପାଠରୁ ଖରାଦିନେ କେଉଁ କେଉଁ ଜୁସ୍ ପିଇଲେ ଶରୀରରେ ଜଳୀୟ ଅଂଶ ଠିକ୍ ରହିଥାଏ ତାହା ଜାଣିହେଲା। ମଡେଲ୍ ମିରର୍‌ରେ ମନୋଜ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

***–ଭବାନୀ ମଲ୍ଲିକ, ସୁନ୍ଦରଗଡ଼***

ସହର ପୃଷ୍ଠାରୁ ଖରାଦିନେ କେଉଁ କେଉଁ ହିଲ୍‌ଷ୍ଟେଶନକୁ ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଏ ତାହା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କାନ୍ଧରେ ଟେକନ୍ତି ହେଲିକପ୍ଟର' ପାଠଟି ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି 'ସେବାରେ ମନ' ପାଠଟିରୁ ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ବାଲିପଦର ଗାଁର ଝିଅ ପାୟଲ ପ୍ରିୟଦର୍ଶିନୀ ନାୟକଙ୍କ ପରୋପକାରୀ ଗୁଣ ସମ୍ପର୍କରେ ଜାଣି ବହୁତ ଖୁସି ଲାଗିଲା। ସତରେ ଆଜିକାର ଯୁବପିଢିଙ୍କ ପାଇଁ ସେ ଜଣେ ଅନନ୍ୟ ଉଦାହରଣ।

***–ବୀରକିଶୋର ମହାନ୍ତି, ତାଳଚେର***

## ବିଶେଷ ଚିଠି



ଛୁଟିଦିନ ତୁମେ ଅନନ୍ୟ
ଆସ ପ୍ରତି ରବିବାର ଦିନ।
ପତ୍ରିକା ମଧ୍ୟରେ ଅଟ ତୁମେ ସାର
ତୁଳନା ନାହିଁ ତୁମ ଯଶ କୀର୍ତ୍ତିର।
ପ୍ରଚ୍ଛଦ ତୁମ୍ଭର ଅତି ଚମତ୍କାର
ଜଣାଏ ନୂଆ ନୂଆ କଥା ଦୁନିଆର।
ସାଥୀ, ସିନେମା, ବିବିଧା ଓ ବ୍ୟାକ୍‌ପେଜ୍
ତା'ସାଙ୍ଗକୁ ରହିଛି ସୃଜନ ଓ ସହରର ପେଜ୍।
ଷୋହଳ ପୃଷ୍ଠାରେ ଗଢ଼ା ତୁମ ରୂପ
ସତରେ ତୁମେ ଅପୂର୍ବ ଅମାପ।

***–ରାଜଲକ୍ଷ୍ମୀ ସେନାପତି, ରସୁଲଗଡ଼, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ହସ

**ହସ ଜୀଇଁବା ଶିଖାଏ ପୁଣି ମହୌଷଧି ପରି କାମ କରେ। ଶରୀରକୁ ଉତ୍ତମ ମାତ୍ରାରେ ଅମ୍ଳଜାନ ଯୋଗାଇବାରେ ହସର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଶରୀର ଓ ଜୀବନ ପାଇଁ ହସ କେତେ ଜରୁରୀ ତାକୁ ନେଇ ଉପସ୍ଥାପନା...**



ହସ ମଣିଷ ସମାଜକୁ ଭଗବାନଙ୍କର ଏକ ଅମୂଲ୍ୟ ଦାନ। ହସିବା ଦ୍ୱାରା ମନ ମସ୍ତିଷ୍କରେ ଉତ୍ସାହ ସଞ୍ଚାର ହୋଇଥାଏ। ହୃଦୟ ଖୋଲା ହସ ତ କୌଣସି ଔଷଧଠାରୁ ବି କମ୍ ନୁହେଁ। ଏହା ଏକ ଉତ୍ତମ ଟନିକ୍ ଭାବେ କାମ କରିଥାଏ। କୁହାଯାଏ, କଥାବାର୍ତ୍ତା ହେବା ସମୟରେ ଆମେ ଯେତିକି ଅମ୍ଳଜାନ ଗ୍ରହଣ କରିଥାଉ ତା'ଠାରୁ ଛଅ ଗୁଣା ଅଧିକ ଅମ୍ଳଜାନ ହସିବା ସମୟରେ ନେଇଥାଉ। ତେଣୁ ଶରୀରକୁ ଉତ୍ତମ ମାତ୍ରାରେ ଅମ୍ଳଜାନ ଯୋଗାଇବାରେ ହସର ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। ମନୋବିଜ୍ଞାନୀଙ୍କ ମତରେ, ଯେତେବେଳେ ଆମେ ହସିଥାଉ ଆମ ମସ୍ତିଷ୍କ ଭାବେ ଆମେ ଖୁସିରେ ଅଛୁ; ଯଦ୍ଵାରା ଏହି ପ୍ରକ୍ରିୟା ପୂରା ଶରୀରରେ ପ୍ରବାହିତ ହୋଇ ଆମକୁ ଶାନ୍ତି ଅନୁଭବ କରାଇଥାଏ। ସେଥିପାଇଁ କୁହାଯାଏ, ଦୁଃଖରେ ବି ହସିବାର କ୍ଷମତା ଥିଲେ ଦୁଃଖର ପରିମାଣ କମ୍ ଲାଗିଥାଏ।

**ହସରେ କ'ଣ ରହିଛି ଫାଇଦା:** ହସ ଏମିତି ଏକ ତତ୍ତ୍ୱ, ଯାହା ଦେଖେ ନାହିଁ ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ କି ଲିଙ୍ଗ। ବ୍ୟକ୍ତିଙ୍କ ମୁହଁରେ ହସ ଥିଲେ ତାହା ତାଙ୍କୁ ଉର୍ଜାବାନ କରାଇଥାଏ। ଯେ କୌଣସି କାର୍ଯ୍ୟ ହେଉନା କାହିଁକି ତାହାକୁ ଯଦି ଖୁସି ମନରେ କରାଯାଏ, ତା'ହେଲେ କଠିନରୁ କଠିନ କାମ ବି ନିମିଷକରେ ସମାପନ ହୁଏ। ଏପରିକି କାମକୁ ନେଇ ଉପୁଜୁଥିବା ଅନେକ ସମସ୍ୟା ବା ଦ୍ୱନ୍ଦ୍ୱ ଆପଣାଛାଏଁ ସମାଧାନ ହୋଇଯାଏ। ସେଥିପାଇଁ ତ କୁହାଯାଏ, ହସରେ ଲୁଚି ରହିଛି ଅନେକ ଫାଇଦା, ଯେମିତିକି: ଏହା ବ୍ୟକ୍ତିଙ୍କ ଭିତରେ ସକାରାତ୍ମକ ଉର୍ଜା ଉତ୍ପନ୍ନ କରାଇ ଜୀବନକୁ ଶାନ୍ତିପୂର୍ଣ୍ଣ ଭାବେ ଜିଇବାକୁ ଉତ୍ସାହିତ କରାଇଥାଏ। ଏପରିକି ହସିବା ଦ୍ୱାରା ଅନେକ ରୋଗ ମଧ୍ୟ ସ୍ୱତଃ ଭଲ ହୋଇଯାଏ। ମନୋବିଜ୍ଞାନୀଙ୍କ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି ଯେ, ଅଧିକ ହସୁଥିବା ପିଲାମାନେ ଅଧିକ ବୁଦ୍ଧିମାନ ହୋଇଥାନ୍ତି। ସେଥିପାଇଁ ଜାପାନବାସୀ ସେମାନଙ୍କର ପିଲାମାନଙ୍କୁ ଜନ୍ମକାଳରୁ ସର୍ବଦା ହସିବାର ଶିକ୍ଷା ଦେଇଥାନ୍ତି। ସେହିପରି କୁହାଯାଏ, ନିୟମିତ କିଛି ସମୟ ମନଖୋଲି ହସିଲେ ଶରୀରରେ ରକ୍ତ ସଞ୍ଚାରର ଗତି ବୃଦ୍ଧି ପାଇବା ସହ ପାଚନ କ୍ରିୟା ମଧ୍ୟ ଠିକ୍ ଭାବେ ହୋଇଥାଏ। ସେଥିପାଇଁ ମହାନ୍ ବିଚାରକମାନେ ବିଶ୍ୱାସ କରନ୍ତି ଯେ, ସର୍ବଦା ଖୁସି ରହୁଥିବା ବ୍ୟକ୍ତିମାନଙ୍କର ଆୟୁଷ ଅନ୍ୟମାନଙ୍କ ତୁଳନାରେ ଟିକେ ଅଧିକ ହୋଇଥାଏ।

**ହସକୁ ନେଇ ଦିବସ :** ହସର ମହତ୍ତ୍ୱକୁ ଅନୁଭବ କରି ପ୍ରତିବର୍ଷ ମେ' ମାସର ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନଟି ପୂର୍ଣ୍ଣ ରୂପରେ ହସିବା ଓ ହସାଇବାକୁ ସମର୍ପିତ। ତେବେ ଏହି ଦିବସର ଶୁଭାରମ୍ଭ ୧୯୯୮ ମସିହାରେ ବିଶ୍ୱ ହାସ୍ୟ ଯୋଗ ଆନ୍ଦୋଳନର ସଂସ୍ଥାପକ ଡ. ମଦନ କଟାରିୟାଙ୍କ ଦ୍ୱାରା କରାଯାଇଥିଲା। ଯାହା ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ତଥା ଲୋକଙ୍କ ଭିତରେ ଭାଇଚାରା ଓ ସଦ୍‌ଭାବ ଜାଗ୍ରତ କରାଇବା। ବହୁ ଚେଷ୍ଟା କରିବା ପରେ ଡ. ମଦନଙ୍କର ଏହି ମହାନ୍ ବିଚାରଧାରା ସଫଳତାର ରୂପ ନେବାକୁ ଲାଗିଥିଲା ଏବଂ ହାସ୍ୟ ଯୋଗ ଆନ୍ଦୋଳନ ମାଧ୍ୟମରେ ଏହି ଦିବସ ପୂରା ବିଶ୍ୱରେ ଲୋକପ୍ରିୟତା ହାସଲ କଲା। ଯାହାର ଫଳ ସ୍ୱରୂପ ବର୍ତ୍ତମାନ ବିଶ୍ୱରେ ପ୍ରାୟ ଛଅ ହଜାରରୁ ଊର୍ଦ୍ଧ୍ୱ ହାସ୍ୟ କ୍ଲବ ଥିବାର ଦେଖିବାକୁ ମିଳୁଛି। ଆଉ ପ୍ରତିବର୍ଷ ଏହି ହାସ୍ୟ ଦିବସ ଅବସରରେ ବିଶ୍ୱର ଅନେକ ସହରରେ ର୍‍ୟାଲି, ଗୋଷ୍ଠୀ ସମ୍ମିଳନୀର ଆୟୋଜନ କରାଯାଇ ସାଧାରଣ ଲୋକଙ୍କୁ ହସର ମହତ୍ତ୍ୱ ବିଷୟରେ ଅବଗତ କରାଯାଉଛି।

**ହାସ୍ୟ କ୍ଲବ୍ ବା ଲାଫିଙ୍ଗ୍ କ୍ଲବ୍:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଯୋଗୁ ଅନେକ ସମୟରେ ଦେହ ଓ ମନ ଭାରାକ୍ରାନ୍ତ ହୋଇପଡ଼େ। ମନ ଖୋଲି ହସିବାକୁ ଯେମିତି ଘଡିଏ ସମୟ ମିଳେନି। କିନ୍ତୁ ଏହି ହସ ଯେ ମଣିଷ ଜୀବନ ପାଇଁ କେତେ ଜରୁରୀ ତାହା କହିବା ବାହୁଲ୍ୟ। ଖାସ୍ ସେଥିପାଇଁ ବିଭିନ୍ନ ସ୍ଥାନରେ ଲାଫିଙ୍ଗ୍ କ୍ଲବ୍‌ମାନ ପ୍ରତିଷ୍ଠା କରାଯାଉଛି। ବ୍ୟସ୍ତମୟ ଜୀବନରେ ପେଷି ହୋଇ ହସ ଭୁଲିଯାଉଥିବା ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହା ଏକ ଅଭିନବ ପ୍ରୟାସ। ସେମିତି ଏକ ଲାଫିଙ୍ଗ୍ କ୍ଲବ୍ ରହିଛି ବାଲେଶ୍ୱରରେ ; ଯାହାର ଜଣେ ସଦସ୍ୟ ହେଲେ ପରେଶ ଚନ୍ଦ୍ର ଦାଶ। ପରେଶ କୁହନ୍ତି, ''ଷ୍ଟେଟ୍ ବ୍ୟାଙ୍କ୍ ଚାକିରିରୁ ଅବସର ନେବା ପରେ ମୁଁ ଫିଟ୍‌ନେସ୍ ଲାଗି ପ୍ରତିଦିନ ବାଲେଶ୍ୱର ହସ୍ପିଟାଲ୍ ସମ୍ମୁଖରେ ଥିବା ପରମିଟ୍ ଫିଲ୍ଡକୁ ଯାଇଥାଏ। ସେଠାରେ ଚାଲିବା, ଦୌଡିବାଠାରୁ ଆରମ୍ଭ କରି ଯୋଗାସନ ତଥା ଅନ୍ୟାନ୍ୟ ବ୍ୟାୟାମ ଆଦି କରିଥାଏ। ସେଠାରେ କେବଳ ମୁଁ ଏକା ନୁହେଁ ମୋ ଭଳି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଅଧିକାରୀ ତଥା ୭-୮ ଜଣ ଯୁବକ ମଧ୍ୟ ଏକ୍ସରସାଇଜ୍ କରିବା ପାଇଁ ଆସିଥାନ୍ତି। ଆମେ ସମସ୍ତେ ଏକାଠି ହୋଇ ବ୍ୟାୟାମ୍ କରିବା ସହ ସେଠାରେ ହାସ୍ୟାସନ ମଧ୍ୟ କରିଥାଉ। ଏହି ହାସ୍ୟାସନ ବି ଭିନ୍ନ ଭିନ୍ନ ଶୈଳୀର ହୋଇଥାଏ, ଯେମିତିକି: ନୌକାହସ, ଆକାଶମୁଖା ହସ, ସୂର୍ଯ୍ୟମୁଖା ହସ, ପାର୍ଶ୍ୱଭ୍ରମ ହସ ଇତ୍ୟାଦି। ମୋ ମତରେ, ଶରୀରକୁ ସୁସ୍ଥ ରଖିବା ପାଇଁ ହାସ୍ୟାସନ ହେଉଛି ସବୁଠୁ ବେଷ୍ଟ ଏକ୍ସରସାଇଜ୍। କାରଣ ହସ, ମାନସିକ ଚାପର ହର୍‌ମୋନ୍ (ଷ୍ଟ୍ରେସ୍ ହର୍‌ମୋନ୍)କୁ କମାଇବା ସହ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ତା'ସହିତ ହୃଦ୍‌ଘାତ ଆଶଙ୍କାକୁ ବି କମାଇ ଦେଇଥାଏ। ସର୍ବୋପରି ଏହା ମନକୁ ଖୁସି ରଖିବା ସହ ସାରା ଦିନ ଶରୀରକୁ କାର୍ଯ୍ୟକ୍ଷମ ରଖିବାରେ ବି ସାହାଯ୍ୟ କରିଥାଏ। କରୋନା ମହାମାରୀ ଲାଗି ଯଦିଓ ବର୍ତ୍ତମାନ ଆମେ ସମସ୍ତେ ଏକାଠି ହୋଇ ଫିଲ୍ଡରେ ହସୁନାହୁଁ କିନ୍ତୁ ପ୍ରତିଦିନ ଫିଲ୍ଡରେ ବ୍ୟାୟାମ୍ ସାରି ଆସିବା ପରେ ଘରେ ଏହି ହାସ୍ୟାସନ ଜାରି ରଖିଛୁ।'

**ଜୀବନରେ ହସର ମାହାତ୍ମ୍ୟ**

ଓଡ଼ିଶା ଗୋ-ସେବା ସମିତିର ଗୋବିଙ୍କା। ନ













ପ୍ରଶିକ୍ଷକ **ସ୍ୱାମୀ ନିର୍ମଳାନନ୍ଦ ଗିରି** କୁହନ୍ତି: ହସ୍ ଧାତୁରୁ ହସ ଶବ୍ଦର ଉତ୍ପତ୍ତି। ହସ ଆମ ଶାରୀରିକ ଅଭିନୟ ତଥା ଭାବନାତ୍ମକ ଅଭିବ୍ୟକ୍ତି ଅଟେ। ଆମେ ସାଧାରଣତଃ ଯେତେବେଳେ ଖୁସି ଅନୁଭବ କରୁ ସେତେବେଳେ ମୁହଁରେ ହସ ଆସେ। ତେବେ କିଛି ଲୋକ ମିଛିମିଛିକା ହସିଥାନ୍ତି। କିନ୍ତୁ ସେ ହସ ବେଶି ସମୟ ରହେନା। ଆଜିକାଲିକା ଧାଁ-ଦଉଡ଼ ଜୀବନରେ ହସ ନାହିଁ କହିଲେ ଚଳେ। ଏବେ ତ ପରିବାର କହିଲେ ୨/୩ ପ୍ରାଣୀ। ଆଗେ ପରିବାର ବଡ଼ ଥିଲା। ଜେଜେ-ନାତି, ନଣନ୍ଦ-ଭାଉଜ ଓ ଅନ୍ୟମାନେ ପରସ୍ପର ମଧ୍ୟରେ ଥଟ୍ଟା, ପରିହାସ କରି ସମୟ ଅତିବାହିତ କରୁଥିଲେ। ହେଲେ ଏବେ ସେ ସୁବିଧା ନଥିବାରୁ ଲୋକେ ଲାଫିଙ୍ଗ୍ କ୍ଲବ୍ ଓ ଲାଫିଙ୍ଗ ଥେରାପି ଖୋଜୁଛନ୍ତି। ହସ ଏକ ମାଗଣା ଔଷଧି ଅଟେ। ଏହା ଏକ ପ୍ରାକୃତିକ ଦୁଃଖ ନିବାରକ। ଯଦିଓ ଲୋକେ ଅନେକ ପ୍ରକାର ହସ ହସିଥାନ୍ତି, ଯେମିତି- ଅସଲି ହସ, ନକଲି ହସ, ଅଟ୍ଟହାସ୍ୟ, ସ୍ମିତହାସ, ମୁରୁକି ହସ, ଖିଲିଖିଲି ହସ ଇତ୍ୟାଦି। ତେବେ ଏହି ହସରେ ୩ ପ୍ରକାର ଭେଦ ଦେଖାଯାଏ। ପ୍ରଥମଟି ହେଲା ଆମେ ଅନ୍ୟକୁ ଦେଖି ହସିବା ; ଏଥିରେ ମୁଖ୍ୟତଃ ଅନ୍ୟକୁ ବ୍ୟଙ୍ଗ ବା ଅପମାନ ବା ଉପହାସ କି ତାଚ୍ଛଲ୍ୟ କରିବା ପାଇଁ ଲୋକେ ହସିଥାନ୍ତି। ଏହା ଏକ ନିକୃଷ୍ଟ କିସମର ହସ, ଏ ପ୍ରକାର ହସରେ ହିଂସା ଓ ପ୍ରତିଶୋଧର ଭାବଥାଏ। ଦ୍ୱିତୀୟରେ ଯେତେବେଳେ ଆମେ ନିଜେ ନିଜ ପାଇଁ ହସୁ ; ଏହା ଜୀବନକୁ ନିର୍ଭୟ ଓ ଚିନ୍ତାମୁକ୍ତ କରିଥାଏ। ଏହା ଜୀବନର ସବୁଠାରୁ ଉତ୍ତମ କ୍ଷଣ ହୋଇଥାଏ। କହନ୍ତି ଯିଏ ଜୀବନରେ ଥରେ ମନଖୋଲି ହସି ପାରିଛି, ସେ କେବେ ଦୂରାଚାରୀ ହୁଏନାହିଁ। ତୃତୀୟରେ ଯେତେବେଳେ ମନୁଷ୍ୟ ସଂସାରର ଅସାରତା ଓ ଜୀବନର କ୍ଷଣ ଭଙ୍ଗୁରତାକୁ ଜାଣି ହସିଥାଏ ; ତାହା ଅସ୍ତିତ୍ୱଗତ ହସ ଅଟେ। ବିଧାତା ଆମ ଭିତରେ ଅଙ୍ଗର ବ୍ୟାୟାମ ନିମନ୍ତେ ତଥା ଆମକୁ ଆନନ୍ଦ ପ୍ରଦାନ କରିବା ପାଇଁ ହସ ସୃଷ୍ଟି କରିଛନ୍ତି।

କାବ୍ୟ ଶାସ୍ତ୍ରରେ ଥିବା ନବରସ ମଧ୍ୟରେ ହାସ୍ୟରସ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ଶ୍ରମ ଭାରରେ ଥକି ଯାଇଥିବା ମନୁଷ୍ୟକୁ ନବ-ସ୍ଫୁର୍ତ୍ତି ହସ ହିଁ ପ୍ରଦାନ କରିପାରେ। ହସ ଚିନ୍ତା ଓ ଉତ୍ତେଜନାକୁ କମ୍ କରି ମସ୍ତିଷ୍କକୁ ହାଲୁକା କରିଥାଏ। ଛୋଟ ପିଲାମାନଙ୍କୁ ହସାଇ ଖେଳାଇ ଶିକ୍ଷା ଦିଆଯାଏ। ଯେଉଁ ବ୍ୟକ୍ତି ସବୁବେଳେ ହସୁଥାନ୍ତି ତାଙ୍କୁ ହସୁରା ବା ହସକୁଳା ବୋଲି କୁହନ୍ତି। ମନୁଷ୍ୟ ମୁହଁର ସାମାନ୍ୟ ହସ ଅନ୍ୟମାନଙ୍କୁ ଖୁସି ପ୍ରଦାନ କରେ। ଅନ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। ଏହା ନିଜ ପାଇଁ ମଧ୍ୟ ହିତକର। ମନଖୋଲା ହସ ହସିବା ଦ୍ୱାରା ଶରୀରରେ ରକ୍ତସଞ୍ଚାଳନ ଠିକ୍ ହୋଇଥାଏ। ହସିବା ଦ୍ୱାରା ଶରୀରକୁ ଅଧିକ ମାତ୍ରାରେ ଅମ୍ଳଜାନ ମିଳିଥାଏ, ଯାହା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ବି ସୁସ୍ଥ ରଖିଥାଏ।

## ହସ ମହୌଷଧି

ବରିଷ୍ଠ ଚିକିତ୍ସକ **ରାମଚନ୍ଦ୍ର ରାଉତ** କୁହନ୍ତି: ହସ- ମଣିଷଙ୍କୁ ଭଗବାନଙ୍କର ଏକ ଅତୁଳନୀୟ ଦାନ। ବିଶିଷ୍ଟ ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍ କହିଛନ୍ତି- ''ସେଇ ଦିନଟି ମୋର ମୂଲ୍ୟହୀନ ଯେଉଁ ଦିନ ମୁଁ ହସି ନାହିଁ। ସେଥିପାଇଁ ହସକୁ ମଣିଷର ଖୁସି ଓ ଆତ୍ମସନ୍ତୋଷର ପରିମାପ ବୋଲି କୁହାଯାଇଥାଏ। ଦୁଃଖରେ ବା ଗୁମ୍‌ସୁମ୍ ରହିବା ହେଉଛି ତା'ର ଅପରପାର୍ଶ୍ୱ।

**ସ୍ୱାସ୍ଥ୍ୟ କ୍ଷେତ୍ରରେ ହସର ଭୂମିକା:** ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ହସର ରହିଛି ଏକ ବିଶେଷ ଭୂମିକା। ସେହିପରି ଏହା ବିଷାଦ ଓ ଚିନ୍ତା ବଢାଉଥିବା ହରମୋନ୍‌କୁ କମ୍ କରିବାରେ ବେଶ୍ ସହାୟକ ହୋଇଥାଏ। ତା'ସହିତ ଦୁଃଖ ଯନ୍ତ୍ରଣାକୁ ଲାଘବ କରିବା ସଙ୍ଗେ ସଙ୍ଗେ ମାଂସପେଶୀକୁ ସତେଜ ତଥା ହୁଗୁଳା କରିଥାଏ। ହୃଦ୍‌ରୋଗକୁ ପ୍ରତିରୋଧ କରିବା, ଡାଇବେଟିସ୍‌କୁ କମ୍ କରିବାରେ ବି ହସର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**ମାନସିକତା ଉପରେ ହସର ପ୍ରଭାବ:** ମାନସିକ ଅବସାଦ ଦୂର କରି ହସ ଜୀବନରେ ଆନନ୍ଦ ଓ ଫୁର୍ତ୍ତି ଭରି ଦେଇଥାଏ। ମାନସିକ ଚାପକୁ କମାଇ ସ୍ଥିତିରେ ସୁଧାର ଆଣିବା ସହ ଏହା ବଞ୍ଚି ରହିବା ପାଇଁ ଜୀବନରେ ଆତ୍ମସନ୍ତୁଷ୍ଟି ଭରି ଦେଇଥାଏ।

**ହସର ସାମାଜିକ ଉପକାରିତା:** ଏହା ସାମାଜିକ ସମ୍ପର୍କକୁ ଦୃଢ କରି ପରକୁ ଆପଣାର କରିବାର ବାଟ ଖୋଲି ଦେଇଥାଏ। ଗୋଷ୍ଠୀ ଓ ସାମୂହିକ କାର୍ଯ୍ୟକୁ ସମ୍ପାଦନା କରିବାରେ ମଧ୍ୟ ହସ ବିଶେଷ ସହାୟକ ହୋଇଥାଏ। ମନରୁ ଦ୍ୱନ୍ଦ୍ୱ ଓ ମୋହ ମୋଚନ କରିବାରେ ସାହାଯ୍ୟ କରିବା ସହିତ ଅନ୍ୟମାନଙ୍କର ନିକଟତର ହେବାକୁ ଏହା ପ୍ରେରଣା ଦେଇଥାଏ।

## ହସର କେତେକ ସ୍ୱାସ୍ଥ୍ୟ ଅନୁକୂଳ କାର୍ଯ୍ୟ

-ପ୍ରତିକୂଳ ପରିସ୍ଥିତିରେ ଶରୀରରେ ଉତ୍ପନ୍ନ ହେଉଥିବା କର୍ଟିଜଲ୍ (ଏକ ପ୍ରକାର ଷ୍ଟ୍ରେସ୍ ହରମୋନ)କୁ ନିୟନ୍ତ୍ରଣରେ ରଖିବାରେ ହସ ବେଶ୍ ସହାୟକ ହୋଇଥାଏ।

-ବିପଦ ସମୟରେ ହୃଦୟରେ କମ୍ପନ ସୃଷ୍ଟି ହୋଇ ହାତ ପାଦରେ ଝାଳ ଆସିବା ସହ ସେଥିରୁ ମୁକ୍ତି ପାଇବା ପାଇଁ ଉପାୟ ପାଞ୍ଚିଲା ବେଳେ ମଣିଷ ଶରୀରରେ ଆଡ୍‌ରେନାଲିନ୍ ହରମୋନ୍ କ୍ଷରିତ ହୁଏ। କିନ୍ତୁ ଏହି ହରମୋନ୍ ଅଧିକ ମାତ୍ରାରେ କ୍ଷରିତ ହେବା ଶରୀର ପକ୍ଷେ କ୍ଷତିକାରକ ହୋଇଥାଏ। ଏଭଳି ପରିସ୍ଥିତିରେ ହସ ହିଁ ଉକ୍ତ ହରମୋନ୍‌କୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

-ଡୋପାମାଇନ୍, ଯାହାକୁ ମୋଟିଭେସନ୍ ହରମୋନ୍ ବି କୁହାଯାଇଥାଏ। ଏହା ମୁଖ୍ୟତଃ କୌଣସି କାର୍ଯ୍ୟକୁ ସଫଳତାପୂର୍ବକ ସମାପ୍ତ କରିବା ପାଇଁ ପ୍ରେରଣା ଦେବା ସହ ମାନସିକ ଏକାଗ୍ରତା ବଢାଇଥାଏ। ହସିବା ଦ୍ୱାରା ଏହି ହରମୋନ୍ ଅଧିକ ମାତ୍ରାରେ କ୍ଷରିତ ହୋଇ ବ୍ୟକ୍ତିଙ୍କର ଉତ୍ସାହକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ।

କେବଳ ଏତିକି ନୁହେଁ, ହସ ଆଣ୍ଟିବଡି ତିଆରି କରୁଥିବା କୋଷ ବୃଦ୍ଧିରେ ସାହାଯ୍ୟ କରିବା ସହ ଟି ସେଲ୍ (ଏକ ପ୍ରକାର ରୋଗପ୍ରତିରୋଧ କୋଷିକା)ର କାର୍ଯ୍ୟ ଦକ୍ଷତାକୁ ସକ୍ରିୟ କରିଥାଏ। ଅଧ୍ୟୟନରୁ ଜଣାଯାଏ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ପାଖାପାଖି ୪୦୦ ଥର ହସୁଥିବା ବେଳେ ଜଣେ ଅସୁସ୍ଥ ବ୍ୟକ୍ତି ମାତ୍ର ୧୫ ଥର ହସିଥାଏ। ଏପରିକି ଏହା କ୍ୟାଲୋରୀ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ଅର୍ଥାତ୍ ପ୍ରତିଦିନ ୧୦ରୁ୧୫ ମିନିଟ୍ ହସିଲେ ପାଖାପାଖି ୪୦ କ୍ୟାଲୋରୀ କମ୍ ହୋଇଥାଏ। ସେହିପରି କୁହାଯାଏ, ମାତ୍ର ଗୋଟିଏ ଥର ମନଖୋଲା ହସିଲେ ଶରୀରରେ ରକ୍ତ ସଞ୍ଚାଳନ ଓ ଅମ୍ଳଜାନ ପରିମାଣ ବୃଦ୍ଧି ପାଇଥାଏ। ତା'ସହିତ ହୃଦ୍ ସ୍ପନ୍ଦନ ଓ ଶ୍ୱାସକ୍ରିୟା ମଧ୍ୟ ବଢିଥାଏ। ଏପରିକି ନିୟମିତ 'ହସଯୋଗ' କଲେ କ୍ୟାନସର୍ ତଥା ଏଡ୍‌ସ ଭଳି ମାରାତ୍ମକ ରୋଗରୁ ବି କିଛିଟା ଉପଶମ ମିଳିଥାଏ। ସେହିପରି ମୁଖମଣ୍ଡଳରେ ଥିବା ୪୩ଟି ମାଂସପେଶୀ ହସିବା ସମୟରେ କାର୍ଯ୍ୟ କରିଥାଏ ; ଯଦ୍ଦ୍ୱାରା ମୁହଁର ବ୍ୟାୟାମ ମଧ୍ୟ ହୋଇଥାଏ। ହେଲେ ରାଗିବା ସମୟରେ ମାତ୍ର ୧୭ଟି ମାଂସପେଶୀ କାମ କରିଥାଏ। ସେଥିପାଇଁ କୁହାଯାଏ, ଯେଉଁମାନେ ଖୁସି ମିଜାଜ୍‌ର ଓ ସବୁ ଦିନ ହସନ୍ତି ସେମାନଙ୍କର ଆୟୁଷ ହାରାହାରି ୮ ବର୍ଷ ବୃଦ୍ଧି ପାଇଥାଏ। ତେଣୁ କଥାରେ ଅଛି, 'laugh and the world laughs with you' ଅର୍ଥାତ 'ଆମେ ଯଦି ହସିବା ଓ ଆମୋଦିତ ହେବା ତା'ହେଲେ ସାରା ଦୁନିଆ ଆମ ସହିତ ହସିବ'। ତେଣୁ ଏହିସବୁ ଦୃଷ୍ଟିରୁ ଦେଖିଲେ, ଶରୀରକୁ ସୁସ୍ଥ ରଖିବା ପାଇଁ ହସ ହେଉଛି ସବୁଠାରୁ ଭଲ ଔଷଧ, ଯାହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।









ମାତ୍ର ବେଳେବେଳେ ଦେଖାଯାଏ, ଶ୍ୱାସରୋଗ ଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଅଧିକ ହସ ସେମାନଙ୍କ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ଏହାସତ୍ତ୍ୱେ ବି କୁହାଯାଇପାରେ, 'ହସ ହେଉଛି ମଣିଷ ଜୀବନର ଏକ ଅମୂଲ୍ୟ ରତ୍ନ, ଯେ ମନଖୋଲି ହସିପାରିଲା ସେ ତା' ଜୀବନକୁ ଉତ୍ତମରୂପେ ବଞ୍ଚାଇପାରିଲା।'

## ନାଟକରେ ହସର ମାହାତ୍ମ୍ୟ

ନାଟ୍ୟ ଚେତନାର ନିର୍ଦ୍ଦେଶକ **ସୁବୋଧ ପଟ୍ଟନାୟକ** କୁହନ୍ତି: ନାଟ୍ୟଶାସ୍ତ୍ରରେ ନବରସ (ଶୃଙ୍ଗାର, ବୀର, ରୌଦ୍ର, ହାସ୍ୟ, କରୁଣ, ଭୟ, ବୀଭତ୍ସ, ଶାନ୍ତ ଓ ଅଦ୍ଭୁତ)ବାବଦରେ କୁହାଯାଇଛି। ଅଭିନୟ ସଂଜ୍ଞାରେ ଅଛି ଯେ– ଅଭିନେତାର ମୂଳ ଲକ୍ଷ୍ୟ ହେଉଛି ଦର୍ଶକଙ୍କ ମନରେ ବା ହୃଦୟରେ ରସ ସୃଷ୍ଟି କରିବା। ଅର୍ଥାତ ନଅଟି ରସର ବିଭିନ୍ନତା ଥାଇ ବି ଦର୍ଶକ କରୁଣ ରସର ଦୃଶ୍ୟ ଦେଖି ମଧ୍ୟ ଖୁସି ଅନୁଭବ କରିବେ। ହାସ୍ୟ ରସରେ ଖୁସି ହେବା ଏକ ଅଭିନ୍ନ ଅଙ୍ଗ। ହାସ୍ୟ ରସର ମାହାତ୍ମ୍ୟ ହେଉଛି ହାସ୍ୟ ବା ହସ ମାଧ୍ୟମରେ ଜଣେ ଅଭିନେତା ବିଭିନ୍ନ ରସ ଦେଖାଇବା। କରୁଣରେ ହସିବା, ରାଗରେ ହସିବା, ଭୟରେ ହସିବା, ପ୍ରେମରେ ହସିବା, ବୀରପଣରେ ହସିବା, ତାଚ୍ଛଲ୍ୟରେ ହସିବା, ମନରେ କୂଟକପଟ ରଖି ହସିବା ଇତ୍ୟାଦି ଇତ୍ୟାଦି। ହସହସରେ ଜଣେ ଜଣଙ୍କୁ ମର୍ମଭେଦି ରାଗ ଶୁଝାଇ ଦେଇପାରେ। ଅନ୍ୟକୁ ବ୍ୟଙ୍ଗ କରି ଗାଳି ଦେବାର ତତ୍ତ୍ୱରୁ– 'ନିଆଁଖୁଣ୍ଟା' ନାମକ ପତ୍ରିକାର ସୃଷ୍ଟି ହୋଇଥିଲା ; ଯାହା ଓଡ଼ିଆ ସାହିତ୍ୟ ପାଇଁ ଏକ ମାଇଲଖୁଣ୍ଟ ସଦୃଶ କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ। ସେହିପରି ଚିତ୍ରକଳାରେ ହସର ପ୍ରୟୋଗରେ 'ବ୍ୟଙ୍ଗଚିତ୍ର' ବା କାର୍ଟୁନ ଏକ ସ୍ୱତନ୍ତ୍ର କଳାର ସ୍ତମ୍ଭ ପାଲଟିଲା। ଏଥିରେ ବ୍ୟଙ୍ଗ କବିମାନେ କବିତାକୁ ପ୍ରୟୋଗ କରି ହସେଇ ହସେଇ କବିତା ମାଧ୍ୟମରେ ସମାଲୋଚନା କରିବାକୁ ଲାଗିଲେ, ଯାହା କ୍ରମେ ଖୁବ୍ ଲୋକପ୍ରିୟ ହେବାକୁ ଲାଗିଲା। ଅନ୍ୟପକ୍ଷେ ବ୍ୟବସାୟିକ ମନୋରଞ୍ଜନ ମାଧ୍ୟମରେ ସିନେମା, ଯାତ୍ରାରେ ହାସ୍ୟ ଅଭିନେତା ବା ଅଭିନେତ୍ରୀଙ୍କୁ ଦେଖିବାର ଦର୍ଶକଙ୍କ ଦାବିରେ ଏହା ଏକ ନିର୍ଦ୍ଦିଷ୍ଟ କଳାର ମାନ୍ୟତା ପାଇଲା, ଯଦ୍ଦ୍ୱାରା ଧୀରେ ଧୀରେ ଅଭିନୟ କ୍ଷେତ୍ରରେ ହାସ୍ୟ ଅଭିନେତା ଓ ଅଭିନେତ୍ରୀମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଲାଗିଲେ।

## ହସିବା ଓ ହସାଇବାର ପ୍ରୟାସ

ନିଜେ ହସିବା ସହ ଅନ୍ୟମାନଙ୍କୁ ହସାଇବା ହେଉଛି ଏକ ସ୍ୱତନ୍ତ୍ର କଳା। ଏଥିପାଇଁ ଅତୀତରେ ହେଉ ଅବା ବର୍ତ୍ତମାନ ସମୟରେ କରାଯାଇଛି ଓ କରାଯାଉଛି ଅନେକ ପ୍ରୟାସ। ଆଗ କାଳରେ ରାଜାଙ୍କ ଭାରାକ୍ରାନ୍ତ ଜୀବନରେ ହସ ଭରିଦେବାକୁ ବିଦୂଷକମାନେ ରାଜସଭାରେ ଅନେକ ହାସ୍ୟକଥାମାନ କହୁଥିଲେ କିମ୍ବା ତାହାକୁ କାର୍ଯ୍ୟରେ କରି ଦେଖାଇ ଦେଉଥିଲେ। ସେମାନଙ୍କର ମେଧାଶକ୍ତି, ବାକ୍‌ପଟୁତା ଓ ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାର ଉପସ୍ଥିତ ବୁଦ୍ଧି ଅନେକ ସମୟରେ ରାଜାଙ୍କୁ ମଧ୍ୟ ସାହାଯ୍ୟ କରୁଥିଲା। ସେହିଭଳି ଦୁଇଜଣ ମହାନ୍ ବିଦୂଷକ ହେଲେ ଗୋପାଳଭାଣ୍ଡ ଓ ବୀରବଲ। ଏବେ ସିନା ଆଉ ରାଜଦରବାର ନାହିଁ କି ବିଦୂଷକ ନାହାନ୍ତି, କିନ୍ତୁ ଲୋକମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅନେକ ହାସ୍ୟ ଅଭିନେତା ଓ ଅଭିନେତ୍ରୀ ସେମାନଙ୍କର ପ୍ରୟାସ ଜାରି ରଖି ସଫଳତାର ଶିଖରକୁ ଛୁଇଁ ପାରିଛନ୍ତି। ସେହିପରି ଲୋକଙ୍କୁ ହସର ଖୋରାକ୍ ଯୋଗାଇ ଦେବା ପାଇଁ ଏବେ ଟିଭି ପରଦାରେ ଅନେକ କମେଡି ଶୋ' କରାଯାଉଛି, ଖବରକାଗଜ ଓ ପତ୍ରପତ୍ରିକାରେ ବହୁ ହସକଥା ବାହାରୁଛି, ଜୋକ୍ସ ତଥା କମିକ୍ ବୁକ୍ସ ବି ପ୍ରକାଶ ପାଉଛି ଇତ୍ୟାଦି। ତା'ଛଡ଼ା ଆମ ରାଜ୍ୟ ଓ ଦେଶରେ ଏମିତି ଅନେକ ବ୍ୟଙ୍ଗ କବି ମଧ୍ୟ ଅଛନ୍ତି, ଯେଉଁମାନେ ବ୍ୟଙ୍ଗାତ୍ମକ ଲେଖା ମାଧ୍ୟମରେ ହେଉ ଅବା ପରଦାରେ ଉପସ୍ଥାପନା କରି ହେଉ ଲୋକଙ୍କୁ ଆନନ୍ଦିତ କରିପାରୁଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ଥିଲେ ଜଣେ ଖ୍ୟାତନାମା ବ୍ୟଙ୍ଗକବି। ତାଙ୍କ କଥାରେ ଓ ଲେଖାରେ ଏମିତି ଯାଦୁ ଥିଲା ଯେ, ଲୋକେ ହସି ହସି ବେଦମ୍ ହୋଇଯାଉଥିଲେ।

ତେଣୁ ଏହି ସବୁରୁ ଜଣାଯାଏ, ହସ ଯେ ମଣିଷ ପାଇଁ କେତେ ଜରୁରୀ ତାହା କହିବା ବାହୁଲ୍ୟ। ଏବେର ଏହି ବ୍ୟସ୍ତମୟ ଜୀବନରେ ସୁଖଶାନ୍ତିରେ ଜୀଇଁବାକୁ ହେଲେ ମଣିଷ ସର୍ବଦା ହସିବା ନିହାତି ଜରୁରୀ। କାରଣ ଦୁଃଖ କଲେ ଲାଭ କ'ଣ ହୋଇଥାଏ। ଓଲଟା ମନ ଭାରାକ୍ରାନ୍ତ ରହିଥାଏ, ମନରେ ଚିଡ଼ିଚିଡ଼ାପଣ ଆସିଥାଏ। ହସ ଭଳି ଏକ ସୁନ୍ଦର ଜିନିଷ ଆମ ପାଖରେ ଥାଉଥାଉ ଆମେ ନିରାଶ ହେବା କାହିଁକି। ନିଜେ ହସିବା ଆଉ ଦୁନିଆକୁ ହସାଇବା, ଏଇ ତ ହେଲା ମଣିଷ ଜୀବନର ସାର୍ଥକତା।

**–ଅନ୍ୱିତା ମିଶ୍ର**







# ରକ୍ତ ଦାନରେ ମନ



କୁହାଯାଏ ରକ୍ତର କୌଣସି ବିକଳ୍ପ ନାହିଁ ! ଯଦି କେହି ଦୁର୍ଘଟଣା ତଥା ଅସୁସ୍ଥ ହୋଇ ବିପଦରେ ପଡ଼ିଥାଆନ୍ତି, ପୁଣି ତାଙ୍କ ପାଇଁ ରକ୍ତର ଆବଶ୍ୟକତା ଅଛି। ଏମିତି କଥା ପଦେ ଶୁଣିଲାମାତ୍ରେ ମନ ତାଙ୍କର ତରଳି ଯାଏ। ସବୁବେଳେ ପର ଉପକାରର ଚିନ୍ତା। ରକ୍ତ ଦାନ କରି ଅନେକଙ୍କ ଜୀବନ ବଞ୍ଚାଇବାରେ ତାଙ୍କୁ ଐଶ୍ୱରୀୟ ଆନନ୍ଦ ମିଳେ। ଏ ପର୍ଯ୍ୟନ୍ତ ସେ ୧୬୦ରୁ ଅଧିକଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିସାରିଲେଣି। ଏବେ ପରିଣତ ବୟସରେ ବି ରକ୍ତଦାନ ଶିବିର ପାଇଁ ଜନସଚେତନତା ଚାଲୁ ରଖିଛନ୍ତି। ଏଥିଯୋଗୁ ମହାମହିମ ରାଜ୍ୟପାଳଙ୍କଠାରୁ ତାଙ୍କୁ ବହୁବାର ପୁରସ୍କାର ଓ ସମ୍ମାନ ମିଳିଛି। ସେ ହେଲେ ଗୋପୀ ମୋହନ ପଟ୍ଟନାୟକ। ଜନ୍ମ ୨୧।୨।୧୯୫୭ରେ । ପିତା ମଦନ ମୋହନ ପଟ୍ଟନାୟକ, ମା' ସତ୍ୟଭାମା ପଟ୍ଟନାୟକ। ଘର ଗଜପତି ଜିଲାର ପାରଳାଖେମୁଣ୍ଡି କରଣ ସାହିରେ। କିନ୍ତୁ ଏବେ ସେ ରହୁଛନ୍ତି ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳରେ। ସେ କୁହନ୍ତି, 'ଭୁବନେଶ୍ୱରରେ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ପରେ ପାରଳାଖେମୁଣ୍ଡି କଲେଜରେ ଆଇଏ ପାସ କରିଥିଲି। ହକିଖେଳ ଓ ବ୍ୟାଡମିଣ୍ଟନ ଖେଳରେ ସର୍ବଭାରତୀୟ ସ୍ତରରେ ଭିନ୍ନ ପରିଚୟ ରହିଛି। ତେବେ ୧୯୭୭ ମସିହାର କଥା । ୬ନମ୍ବର ଅଞ୍ଚଳ ଗଭର୍ନର ହାଉସ ନିକଟ ଭେନସ୍ ହୋଟେଲ ସମ୍ମୁଖ ରାସ୍ତା । ସମୟ ପ୍ରାୟ ଦିନ ୨ଟା ହେବ। ଠିକ୍ ଏହି ସମୟରେ ଦ୍ରୁତଗତିରେ ମାଡ଼ିଆସୁଥିବା ଏକ ମାଟାଡୋର ସହିତ ବିପରିତ ଦିଗରୁ ଆସୁଥିବା ଏକ ମିନିବସର ମୁହାଁମୁହିଁ ଧକା ହୋଇଥିଲା। ପ୍ରାୟ ୧୫ଜଣ ଆହତ ହୋଇ ବିକଳ ଚିତ୍କାର କରୁଥିଲେ । ହଠାତ୍ ସେଠାରେ ଏମିତି ଘଟଣା ଦେଖି କ'ଣ କରିବି କିଛି ଭାବିପାରୁ ନ ଥାଏ। ତେବେ ନିକଟରେ ଥିବା ଏକ କାଠଗୋଲାରୁ ଟ୍ରଲିରିକ୍ସାଟି ଆଣି ଘଟଣାସ୍ଥଳରୁ ଆହତ ହୋଇଥିବା ଦୁଇଜଣ(ଜଣେ ମହିଳା ଓ ଜଣେ ପୁରୁଷ)ଙ୍କୁ ଉଦ୍ଧାରକରି ୬ନମ୍ବର ମେଡିକାଲକୁ ଯାଇଥିଲି । ଡାକ୍ତର ତାଙ୍କର ଚିକିତ୍ସା କଥା କହିଲେ। ତାଙ୍କୁ ରକ୍ତ ନ ଦେଲେ ତାଙ୍କର ଜୀବନ ଚାଲିଯିବ ବୋଲି କହିଥିଲେ। ଏମିତି ପରିସ୍ଥିତିରେ ସମସ୍ତେ ରୁଣ୍ଡ ହୋଇ ଦେଖୁଥିଲେ ମଧ୍ୟ କେହି ରକ୍ତଦେବାକୁ ମନବଳାଉ ନ ଥିଲେ। ମନରେ ଟିକେ ଭୟ ଆସୁଥିଲା । ତା'ପରେ ରକ୍ତ ଦେଇଥିଲି । ରକ୍ତ ଦେଇ ପେଟେ ପାଣିପିଇଲି। କିଛି କ୍ଷଣପରେ ଖୁବ ଆରାମ ଲାଗିଲା। ଘରକୁ ଫେରିଥିଲି। ଘରେ ଖିଆପିଆ ସାରି ଶୋଇପଡ଼ିଲି। ତା' ପରଦିନ ମୋତେ ଫୁର୍ତ୍ତି ଲାଗିଲା। ଆଉ ମେଡ଼ିକାଲକୁ ଯାଇ ଦେଖିଲି ଲୋକଟି ଖୁସୀ ଅଛି। ସେଥିପାଇଁ ମତେ ଭଲ ଲାଗିଲା। ଯାହ ଭୟଥିଲା ସବୁ ଦୂରେଇଗଲା। ସେବେଠାରୁ ସବୁ ଠିକ୍ଠାକ୍ ଚାଲିଛି। ଆଉ ଦିନକର ଘଟଣା ଥରେ ରାସ୍ତା କଡ଼ରେ ଜଣେ ଲୋକ ନିସ୍ତେଜ ହୋଇପଡ଼ିଥାଏ । ସେହି ରାସ୍ତା ଦେଇ ଯାଉଥିବା ଲୋକଙ୍କ ନଜର ପଡ଼ିଲେ ବି ଅନେକ ବ୍ୟକ୍ତି ଜାଣି ନ ଜାଣିଲାପରି ଚାଲିଯାଉଥାନ୍ତି। ମୁଁ ସେହି ବାଟଦେଇ ଆସୁଥିଲି। ସେହି ଲୋକଟି ପାଖକୁ ଯାଇ ଦେଖିଲି ଲୋକଟିର ମୁଣ୍ଡରୁ ରକ୍ତ ଝରୁଛି, ବ୍ୟସ୍ତ ଲାଗିଲା। ଚେତା କରେଇଲୁ। ବୁଝିବାରେ ଜଣାପଡ଼ିଲା ଯେ, ବଡ଼ି ଭୋରରୁ ରାସ୍ତାରେ ଆସୁଥିବା ବେଳେ କେହି ଜଣେ ପଛରୁ ଗାଡ଼ି ଧକ୍କାକରି ଖସି ପଳାଇଛି। ଯାହାହେଉ ମେଡିକାଲକୁ ନିଆଗଲା, ଲୋକଟି ସୁସ୍ଥହୋଇ ତାଙ୍କ ଘରକୁ ଫେରିଥିଲେ। ସେହିଭଳି ୨୦୦୪ ମସିହାର କଥା- ଥରେ ମେଡିକାଲକୁ ଯାଇଥାଏ, ଛୋଟ ଝିଅଟିଏ ରକ୍ତ ପାଇଁ ତା' ମା'କୁ କହୁଛି, ମା' କାଲି ଯଦି ରକ୍ତ ନ ମିଳିବ ତେବେ ମୁଁ ମରିଯିବି ନା ! ଏହି କଥାଟି ଶୁଣି ତା' ମା'ର ଆଖି ଲୁହରେ ଛଳ ଛଳ ହୋଇଯାଉଥାଏ। ତାଙ୍କର ବିକଳ ସହି ପାରିଲି ନାହିଁ। ତାକୁ ରକ୍ତ ଦେବା ପାଇଁ କହିଲି। କିନ୍ତୁ ସେ ପିଲାଟି ଥାଲାସେମିଆ ରୋଗରେ ଆକ୍ରାନ୍ତ। ତାକୁ ପ୍ରତି ମାସରେ ଗୋଟେ ରକ୍ତ ଦରକାର ପଡ଼େ। ତେଣୁ ରକ୍ତ କେଉଁଠୁ ଆସିବ ସେଥିପାଇଁ ଚିନ୍ତାକଲି। ଆଉ ମୋ ସହିତ ଖେଳୁଥିବା କେତେକ ସାଙ୍ଗ ଓ ପିଲାଙ୍କୁ ଏ ବିଷୟରେ ଜଣାଇଲି। ସେବେଠାରୁ ଥାଲାସେମିଆ ଶିଶୁଙ୍କ ଜୀବନ ରକ୍ଷା ପାଇଁ ପ୍ରୟାସ ଜାରି ରଖିଛି। ସେହିପରି ପିଲାଙ୍କୁ ରକ୍ତ ଦେବାପାଇଁ ପରିବାର ଜରିଆରେ ଏକ ୧୨ଜଣିଆ ଗ୍ରୁପ କରିଛି। ପ୍ରତି ମାସରେ ଜଣେ ଲେଖାଏଁ ମାଗଣା ରକ୍ତଦାନ କରିଥାନ୍ତି। ପ୍ରାୟ ୫ଜଣ ଥାଲାସେମିଆ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣକରି ସେମାନଙ୍କ ପାଇଁ ରକ୍ତଦାନର ବ୍ୟବସ୍ଥା ବି କରିଆସୁଛି। ଏବେ ଜଣେ ୧୮ବର୍ଷ ଝିଅଙ୍କୁ ପ୍ରତିମାସରେ ରକ୍ତଦାନ କରାଯାଉଛି। ଦିନଥିଲା ସାଇକେଲରେ ବୁଲିବୁଲି ବିଭିନ୍ନ କଲେଜରେ ପହଞ୍ଚି ରକ୍ତଦାନ ସମ୍ପର୍କରେ ଜନସଚେତନତା କରୁଥିଲୁ। ଅନେକ ଛାତ୍ରୀଛାତ୍ରଙ୍କୁ ନେଇ ରକ୍ତଦାନ ଶିବିର ବି ହୋଇପାରିଛି। ଏମିତିରେ ମୁଁ ପ୍ରତିଦିନ ସକାଳୁ ସକାଳୁ ଓୟୁଏଟି ଆଡ଼େ ଯାଏ। ସେଠାରେ ଖେଳେ। ନିକଟସ୍ଥ ବ୍ଲଡ ବ୍ୟାଙ୍କ ଓ ମେଡିକାଲ ଆଡ଼େ ଯାଏ। କେହି ଅସହାୟଙ୍କୁ ଅତି ଜରୁରୀ ରକ୍ତ ଦରକାର କଥା ନଜରକୁ ଆସିଲେ ସାହାଯ୍ୟମତେ ରକ୍ତଦାନର ବ୍ୟବସ୍ଥା କରିଥାଏ। ମୋ ମତରେ ସେବା କହିଲେ, ନିଃସ୍ୱାର୍ଥପର ଭାବେ ଅସୁବିଧାରେ ପଡ଼ିଥିବା କାହାରିକୁ ଯଥାସମ୍ଭବ ସାଧ୍ୟମତେ ସାହାଯ୍ୟ କରିପାରିବା। ଘରେ ଘରେ ଜାଣିବା ଦରକାର ଯେ ଅନ୍ୟଜଣକୁ ସାହାଯ୍ୟ କଲେ ହୁଏତ ନିଜର ବିପଦ ବେଳେ ଅନ୍ୟ କେହି ସାହାଯ୍ୟ କରିବେ। ହୃଦୟ ତରଳିଲେ ରକ୍ତ ବାହାରେ। ଆମେ ଜଣଙ୍କୁ ରକ୍ତ ଦେଲେ ତାଙ୍କର ଜୀବନ ବଞ୍ଚି ପାରିବ। ଏଭଳି କଲେ ମନଖୁସୀ ରହେ। ଦେହଭଲ ରହେ। ଏବେ ଲୋକେ ସଚେତନ ହେଲେଣି। ତେବେ ସେଦିନ ସେହି ମହିଳାଙ୍କୁ ରକ୍ତଦାନ କରିବା ପରଠାରୁ ମୁଁ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଚାଲିଛି। ୧୯୮୫ମସିହାରେ ପ୍ରାୟ ୧୦ଜଣ ହକିଖେଳାଳି ପ୍ରଥମେ ମ୍ୟୁନିସିପାଲିଟିରୁ ବୋତଲ ଆଣି ଶିରିପୁରସ୍ଥିତ ମଙ୍ଗଳା ମଣ୍ଡପରେ ରକ୍ତଦାନ ଶିବିର କରିଥିଲୁ। ମୋର ବିବାହ ବାର୍ଷିକ ଓ ଜନ୍ମ ଦିନରେ ରକ୍ତ ଦାନ ଶିବିର କରିଥାଏ। ୨୦୦୫ରୁ କ୍ରମାଗତ ଭାବେ ପାରିବାରିକ, ବନ୍ଧୁବାନ୍ଧବ, ସାଙ୍ଗଙ୍କୁ ନେଇ ଏମିତି ଶିବିର ଚାଲୁ ରଖିଛି। ମତେ ୬୪ବର୍ଷ ହେଲାଣି। ପ୍ରାୟ ୧୬୨ଥର ରକ୍ତଦାନ କରିସାରିଛି। ପୁଣି ପ୍ରାୟ ୩ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିସାରିଲାଣି। ୧୯ଥର ପ୍ଲେଟ୍‌ଲେଟ୍ ରକ୍ତଦାନ କରିଛି। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ରକ୍ତଦାନ ଶିବିରରେ ଯୋଗ ଦେଇଥିବାରୁ ବହୁତ ଖୁସୀ ମନେକରେ। ପରିବାର କହିଲେ ମୋ ବାପା, ମୋ ପତ୍ନୀ ଆଶାଲତା ପଟ୍ଟନାୟକ ପାଖରେ ରୁହନ୍ତି। ଆଉ ପୁଅ ଦିବ୍ୟମୋହନ ପଟ୍ଟନାୟକ ଏବେ କୋଲକାତାର ଏକ ଘରୋଇ କମ୍ପାନୀର ମ୍ୟାନେଜର ଭାବେ କାର୍ଯ୍ୟରତ। ସେ ତା'ର ଜନ୍ମଦିନରେ ରକ୍ତଦାନ ଶିବିର କରିଥାଏ। ବିଭିନ୍ନ ସମୟରେ ଶତାଧିକ ଥର ମାଗଣା ରକ୍ତଦାନ କରିଥିବାରୁ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କଠାରୁ ଏକାଧିକ ସମ୍ମାନ ଓ ପୁରସ୍କାର ମିଳିପାରିଛି। ୧୯୮୩ ମସିହାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ପାଇଥିଲି। ଏବେ ୩/୪ବର୍ଷ ହେଲା ଅବସର ନେଇଛି। ଭାରତୀୟ ରେଡକ୍ରସ ସୋସାଇଟି ଖୋର୍ଦ୍ଧା ବ୍ରାଞ୍ଚ ଭୁବନେଶ୍ୱରର ଆଜୀବନ ସଦସ୍ୟ, ଭୁବନେଶ୍ୱର ୬ନମ୍ବର ହସ୍‌ପିଟାଲର ୱେଲଫେୟାର କମିଟି ସଦସ୍ୟ, ବ୍ଲଡବ୍ୟାଙ୍କ ସଦସ୍ୟ, ବୟସ୍କମାନଙ୍କୁ ନେଇ ସିନିୟର ସିଟିଜେନ ହରିଓଁ କ୍ଲବ ଗଠନ ହୋଇଛି । ସେହି କ୍ଲବ୍‌ରେ ଆସିଷ୍ଟାଣ୍ଟ ସେକ୍ରେଟାରୀ ରହିଛି। ଏଥିରେ ବୟସ୍କ ବ୍ୟକ୍ତିମାନଙ୍କ ପିଲାମାନେ ରକ୍ତଦାନ କରିଥାନ୍ତି। ରକ୍ତ ସମ୍ପର୍କର ବନ୍ଧୁ ନାମରେ ଏକ ସଂଗଠନ ଗଠନ କରାଯାଇଛି।









–ବନବିହାରୀ ବେହେରା

# କଣ୍ଟାକ୍ଟ ଟ୍ରେସିଂ

ସୁକାନ୍ତ ସାହୁ



ସକାଳୁ ଉଠିଲା ବେଳକୁ ହାଲ୍କା ଶୀତ ଅନୁଭୂତ ହେଲା। ଏଟା ତ ଏପ୍ରିଲ। ଆମ କଳାହାଣ୍ଡିରେ ଦିନ ତାପମାତ୍ରା ୪୦ ଆଉ ରାତି ଅଳ୍ପ କମି ୩୫/୩୦ ରହେ। ଶୀତର କାରଣ କ'ଣ ଭୂତାଣୁ ! ଛାନିଆ ଲାଗିଲା। ଛାନିଆ ହେଲେ ଅତର୍ଚ୍ଛା ମୂତ ମାଡ଼େ। ମୂତି ସାରି ବ୍ରଶ୍ କରି ପ୍ରଥମ ଖବରଟା ପତ୍ନୀଙ୍କୁ ଜଣାଇଲି। କଥା ସରିନି କୋଉଠୁ ଗୋଟେ ପୁରୁଣା ହୁଗୁଳା ମାସ୍କ ସେ ମୁହଁରେ ଗଳେଇ ଦେଇ ସୋସିଆଲ ଡିଷ୍ଟାନସ ମେଣ୍ଟନ କରି କହିଲେ -ଆଗ ସେଇଠି ଠିଆ ହୁଅ। ତମ ପ୍ୟାଣ୍ଟ ଶାର୍ଟ ଦେଉଛି, ସିଧା ଯାଅ ଟେଷ୍ଟ କରେଇ ଆସିବ। ମୋର ଛୋଟ ପିଲା। ପୁଣି ବଡ଼ଟାର ପ୍ରାଇମେରୀ କମ୍ପଲିକେସି ଅଛି। ହେ ମାଆ ମାଣିକେଶ୍ୱରୀ ତୁ ତାରିବୁ ତୁ ମାରିବୁ । କହି ମୋ ଉପରକୁ ଛାଟିଦେଲେ, ଚଡି ଗଞ୍ଜି ଶାର୍ଟ ପ୍ୟାଣ୍ଟ। ଗାଡ଼ି ନ କାଢ଼ି ସାଇକେଲରେ ଆଗେଇଲି। ରାସ୍ତା ପ୍ରାୟ ଫାଙ୍କା । ସଡ଼କ ଉପରେ ବିଛା ହୋଇଛି ଖଇ। ଭାରି ଡର ମାଡ଼ିଲା । କେହି ଶବବାହକ ମୋ ଆସିବା ଆଗରୁ ଏଇ ବାଟ ଦେଇ ଯାଇଛନ୍ତି। ପଡ଼ା ସଡ଼କରୁ ମୁଖ୍ୟ ସଡ଼କ। ଓଃ, ଭୟ ମାଡ଼ିବସିଲା। ସେ ସଡ଼କରେ ବି ଖଇ୍ । କେଜାଣି କେତେ ସଂଖ୍ୟକ ଶବବାହକ ଏଇ ବାଟେ ଯାଇଛନ୍ତି ? ଟେଷ୍ଟିଂ ପାଇଁ ଡାକ୍ତରଖାନାରେ ଭିଡ଼ ଦେଖି ପଛକୁ ଘୁଞ୍ଚି ଗଲି। ଆଗରୁ ସଂକ୍ରମଣ ହୋଇଛି କି ନା କିଏ ଜାଣେ, କିନ୍ତୁ ଏଇ ଭିଡ ସଂକ୍ରମଣ ପାଇଁ ଯଥେଷ୍ଟ ହେବ। ମାସ୍କ ସଜାଡି ହ୍ୟାଣ୍ଡ ଗ୍ଲୋଭ୍ସ ସଜାଡି ଆଗକୁ ଗଲା ବେଳେ ଦେଖିଲି ଦୁଇଜଣଙ୍କ ଭିତରେ ଘମାଘୋଟ ଲଢ଼େଇ। କିଛି କାରଣ ନାହିଁ- ମୁଁ ଆଗ, ମୁଁ ଆଗ। ସବୁ ବେଳେ ଆମ ଦେଶରେ ଯାହା ହୁଏ, ତାହା ହେଲା ହାତରେ ଦଣ୍ଡ ଧରି ଦୁଇ ପୋଲିସ ଅଧିକାରୀ ଆମମାନଙ୍କୁ ଧାଡ଼ିରେ ଠିଆ କରେଇଲେ। ପିପିଇ କିଟ ପିନ୍ଧିଲେ ହସ୍ପିଟାଲ କର୍ମଚାରୀ। ୧୦ ମିନିଟ ପରେ ରେଜିଷ୍ଟ୍ରେସନ ଆରମ୍ଭ ହେଲା। ଜଣେ ପରେ ଜଣେ ଆଗେଇ ଗଲେ । ଭିତରୁ ହଁ ନାହିଁର ଦ୍ୱନ୍ଦ୍ୱ ନେଇ ଫେରି ଆସୁଥିଲେ। ହସ୍‌ପିଟାଲର ୱେଟିଂ ଶେଡ୍ ଧୀରେ ଧୀରେ ଭିଡ଼ ହେଉଥିଲା। ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା। କାହିଁକି କେଜାଣି ହୃଦ୍‌ସ୍ପନ୍ଦନ ଦ୍ରୁତ ହୋଇଗଲା। ଟେଷ୍ଟିଂ ପରେ ୱେଟିଂ। ଘରକୁ ଫେରି ଆସିଲି। ଏଇଠୁ ଆରମ୍ଭ ହେଲା ଆଇସୋଲେସନ। ଘରର ଉପର ମହଲାରେ ଥିବା ଅବ୍ୟବହୃତ କୋଠରିଟି ଭିତରେ ମୋ ସ୍ତ୍ରୀ ଓ ପିଲା ଏଇ ସମୟ ଭିତରେ ସଜାଡି ଦେଇଥିଲେ ଖଟ, ଟେବୁଲ ଓ ଗୋଟେ ପଙ୍ଖା, କିଛି ବହି, ମୋବାଇଲ ଚାର୍ଜର, ପାଣି ଜଗ ସହ। ଫୋନରେ ନିର୍ଦ୍ଦେଶ ଦେଇଥିଲେ ସିଧା ଉପରକୁ ଯିବାକୁ।

ବାସ୍, ଫଳାଫଳ ଆସିବା ଆଗରୁ ଶ୍ରୀମତୀଙ୍କ ଗାଳି ବର୍ଷା ହେଲା ଫୋନରେ। କୁଆଡେ ଯାଉଛ, କାହା ସଙ୍ଗେ ମିଶୁଛ ତା' କିଏ ଜଣେ ? ଗୋଟେ କାମ କର ଫେସବୁକରେ ତମ ସାଙ୍ଗମାନଙ୍କୁ ଏ ଖବର ଦିଅ, ଯେଉଁମାନେ ତମ ସଂସ୍ପର୍ଶରେ ଆସିଛନ୍ତି ସିଧା ଯାଆନ୍ତୁ ଟେଷ୍ଟିଂ ସେଣ୍ଟର। ସେଇଠୁ ଜଣାପଡିବ କାହାଠୁ ଆଣିଛ ଏ ମଞ୍ଜି। ନିଜକୁ ସ୍ତ୍ରୀ ବୋଲକରା ନୁହେଁ ବୋଲି ଦାବି କରୁଥିଲେ ବି ସାଙ୍ଗେ ସାଙ୍ଗେ ଫେସବୁକରେ ସୂଚନା ଦେଇଦେଲି ଗୋଟେ ସେଲ୍ଫି ସାଙ୍ଗରେ। କେଉଁଠି ଥିଲେ ମୋ ଦରଦୀ ବନ୍ଧୁଗଣ ମୋର ଆଶୁ ଆରୋଗ୍ୟ କାମନା କରି ୱାଲ୍ ଯାକ ଛାଇଗଲେ। ଫୋନ କିନ୍ତୁ ଆସୁ ନ ଥିଲା। ହଠାତ୍ ଫୋନ ରିଂ ହେଲା। ସେଇ ପ୍ରତୀକ୍ଷିତ ଖବର। ହେଲଥ ଡିପାର୍ଟମେଣ୍ଟର କନ୍‌ଫରମେଶନ କଲ୍ , ସୂଚନା ଓ ସତର୍କତାର ବିବରଣୀ।

ବ୍ୟାକୁଳ ମନ, ଫୋନ ଘନ
ଘନ। ଶନି, ରବିବାର
ଉଇକେଣ୍ଡ ଶଟ୍‌ଡାଉନ, ସୋମବାର,
ମଙ୍ଗଳବାର ଯାଇ ଆଜି ବୁଧବାର।

ଦୁଇଦିନ ତ ଘରେ ଗଲା, ବାକି ତିନି ଦିନ କାହାକୁ ଭେଟିଛି।

ଫୋନ ଆସିଲା ରମେଶ ଠୁଁ। କହିଲା- ଭାଇ ସୋମବାର ଚା ପିଇଲା ବେଳକୁ ଦେହ କେମିତି ଲାଗୁଥିଲା ?

-ଭଲ।

-ଏବେ କେମିତି ଲାଗୁଛି ? - ଭଲ।

- ତା'ହେଲେ ସମସ୍ୟା କୋଉଠି ?

- ତମେ ଟେଷ୍ଟ କର ।

- ହଁ । ବାସ୍ ଏତିକି ବାର୍ତ୍ତାଳାପ କଣ୍ଟାକ୍ଟ ମାନଙ୍କ ସହ। ସମସ୍ତେ ଆତଙ୍କ ବିଜଡିତ। ଏହା ହିଁ ଶେଷ । ମୋ ପାଖକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଫୋନ ଆସୁଥିଲା ଘର ଲୋକମାନଙ୍କ ପାଖରୁ। ଖାଦ୍ୟ ପାନୀୟ, ଔଷଧ ସେବନ ବିଧି ବ୍ୟବସ୍ଥା ନେଇ। ମୋ କଣ୍ଟାକ୍ଟରେ ଆସିଥିବ। ବନ୍ଧୁମାନଙ୍କ ନିକଟରୁ ଫୋନ ଫେରିଲା ଗୋଟିଏ ପରେ ଗୋଟିଏ । ମଳୟ ଓ ତା' ପରିବାର ନେଗେଟିଭ । ଅଫିସରେ ଫାଇଲ ନିଆ ଅଣା କରୁଥିବା ରାନୁ ବେଓ୍ୱା ଆଉ ତା' ପ୍ଲସ୍ ଟୁ ପଢୁଆ ଝିଅ ନେଗେଟିଭ। ଛକରେ ସାଧୀ ହୋଇ ଚା ପିଇଥିବା ମାନସର ପୂରା ପରିବାରର ଆଠ ଜଣଯାକ ନେଗେଟିଭ। ଏବେ ରହିଲା ମୋ ପାଖ ସିଟ୍‌ରେ ବସୁଥିବା ନରହରି। ସବୁ ଦିନ ଗ୍ରୋସରୀ ଦେଉଥିବା ନରେଶ ଅଗ୍ରୱାଲ ପରିବାର ସୁରକ୍ଷିତ। କିଛି ସମୟ ପରେ ନରହରି କଲ କରି କହିଲା -ଭାଇ ମା' ମାଣିକେଶ୍ୱରୀ ରକ୍ଷା କରିଦେଲେ। ଆମ ପରିବାର ସୁସ୍ଥ। ତମେ ଟିକେ ଦେହର ଯତ୍ନ ନିଅ। ଆଉ କାହା କଣ୍ଟାକ୍ଟରେ ଆସିଛି ମନେ ପଡୁନି। ସରକାର ତ ସଂଧ୍ୟା ୬ଟା ସୁଦ୍ଧା ବଜାର ବନ୍ଦ କରୁଛନ୍ତି। ଦିନ ୧୦ଟା ପରେ ଖରା ତାପ ଯାହା କାହା ସହ କେମିତି କଣ୍ଟାକ୍ଟ ହେବ ? ଏବେ ମନେ ପଡିଲା ମୌସୁମୀ କଥା। ଯିଏ କଥା ଦେଇଥିଲା କଲେଜ ଜୀବନରେ , ମୋ ସହ ମିଶି ମରୁଭୂମିକୁ କରିବା ସବୁଜ। ହେଲେ କଥା କଥାରେ ରହିଗଲା। ମୌସୁମୀ ସାଗର ବାବୁଙ୍କ ପତ୍ନୀ ହୋଇଗଲା। ଆମ ପ୍ରେମ କଲେଜ ଷ୍ଟୋରି ହୋଇ, ଡାଏରୀ, ଗୋଲାପୀ ଚିଠି ହୋଇ ରହିଗଲା। ସମୟର ଚକ ବୁଲିବା ପରି ମୋତେ ୫୦ ପୂରିଲା ଦିନ ସାଗରବାବୁଙ୍କର ବଦଳି ହୋଇ ଗଲା ଆମ ସହରକୁ। ପୁଣି ଥରେ ଆମ ଶୁଖିଲା ପ୍ରେମ ବଢୁଛି ହ୍ୱାଟସ ଆପ୍, ମେସେଞ୍ଜର ଭିଡିଓ ଚାଟ୍‌ରେ। ମୌସୁମୀର ଚାଟ୍

- ଶୁଣିଲି ତମେ କୁଆଡେ ପଜିଟିଭ୍ ?

- ହଁ

- ଏଇ କଥା ଜାଣିବା ପରେ ମୁଁ
ସାଗର ଆଉ ପୁଅ ସହ ଯାଇ
ଟେଷ୍ଟ କଲି। ପଚାରିବ ନାହିଁ ରିଜଲ୍ଟ!

- କ'ଣ ହେଲା ?

- ସେଇଟା ହିଁ ମିରାକଲ୍

- କ'ଣ ହେଲା ?

- ବାପ ପୁଅ ନେଗେଟିଭ,
ମୁଁ କିନ୍ତୁ ପଜିଟିଭ।

- ଶ୍ରୀରୂପା, ରାମନଗର ପଡ଼ା,
ଭବାନୀପାଟଣା
ମୋ: ୯୪୩୭୭୦୦୦୩୭



## ରାତି ପାହିଲେ ସକାଳ ଆସିବ

-ପୂରବୀ ଶତପଥୀ

ଜାଣିନାହିଁ
ରାତିସବୁ ଜାଳିଦେଲେ
ସକାଳଟେ ଫିଟିବ କି ନାହିଁ ।

ଜାଳେ ମୁହିଁ ବାରବାର ଜାଳେ
ଫୁଟିଗଲା ଯେତେସବୁ ଜହ୍ନତିଥି ମୋର
କାକରିତ ପାପୁଲିରେ ଲୁହବୁନ୍ଦା
ଏ ଶୀତର ଉଷୁମ ଉହ୍ଲେଇ।

ସତରେ
ଏଇ ରାତି ପାହିଗଲେ
ଆସିବ ଏଠାରେ
ସକାଳଟେ ନୂଆ ହୋଇ ?

-ସୃଷ୍ଟି ରେସିଡେନ୍ସି, ଭୁବନେଶ୍ୱର-୨
ମୋ-୮୮୪୭୮୨୫୬୮୮

# ଦୋଛକିରେ ଦୀପକ



ଦୀପକ-ସ୍ୱାତୀ

ବେଳେବେଳେ କେତେକ କଥା ମଣିଷକୁ ଦୋଛକିରେ ପକାଇ ଦେଇଥାଏ। ପୁଣି ସେଥିରୁ ବାହାରିବା ଏତେ ସହଜ ହୋଇ ନ ଥାଏ। ଠିକ୍ ସେମିତି ଦୁଇଟି ଜିନିଷକୁ ନେଇ ଅଡୁଆରେ ପଡିଯାଇଛନ୍ତି ଅଭିନେତା ଦୀପକ। ଗୋଟିଏ ପଟେ ଭଲ ପାଇବା, ଅନ୍ୟ ପଟରେ ନିଜ ଜୀବନର ଲକ୍ଷ୍ୟ। ତେବେ ଏହି ଦୁଇଟିରେ ସେ ସଫଳ ହୋଇପାରୁଛନ୍ତି ତ ? ହଁ,ଏହି ଘଟଣାର ସଂଯୋଗ ରହିଛି ଦୀପକଙ୍କ ଅଭିନୟ ଜୀବନ ସହ। କଥା କ'ଣ କି ଏପରି ଏକ ଭୂମିକାରେ ଦର୍ଶକ ଖୁବ୍‌ଶୀଘ୍ର ତାଙ୍କୁ ବଡ ପରଦାରେ ଦେଖିବାକୁ ପାଇବେ। ଚଳଚ୍ଚିତ୍ରଟି ହେଲା, 'ଅଟୋଗ୍ରାଫ ଏ ସାଇନ୍ ଅଫ ଲଭ୍'। ଏଥିରେ ଜଗା ଚରିତ୍ରରେ ଅଭିନୟ କରିଛନ୍ତି ଦୀପକ। କାହାଣୀ ଅନୁସାରେ ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ରାଗିଣୀକୁ ଜଗା ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ଉକ୍ତ ସିନେମାରେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ନାୟିକା ସାଜିଥିବା ନବାଗତା ସ୍ୱାତୀ।

# ଡେଟ୍ ପାଇଁ ଟେନ୍‌ସନ



ଯାମି

ଯାମି ଗୌତମଙ୍କ ଖୁସି କହିଲେ ନ ସରେ। ଏ ବର୍ଷ ସତେ ଯେମିତି ହାତୀ ତାଙ୍କ ମୁଣ୍ଡରେ ସୁନା କଳସ ଢାଳିଛି। ଦେଖୁନାହାନ୍ତି ସେ ଅଭିନୟ କରିଥିବା ୮ଟି ସିନେମା ବ୍ୟାକ୍-ଟୁ-ବ୍ୟାକ୍ ରିଲିଜ ଅପେକ୍ଷାରେ ରହିଛି। ପୁଣି ତାଙ୍କ ପ୍ରତି ଭାଗ୍ୟଦେବୀ ଏମିତି ପ୍ରସନ୍ନ ହୋଇଛନ୍ତି ଯେ ସେପଟେ ଅଫର ପରେ ଅଫର ମିଳିବାରେ ଲାଗିଛି। ହେଲେ କ'ଣ ହେବ ? ସେଗୁଡ଼ିକ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ଜାଣି ପାରୁନାହାନ୍ତି। କାରଣ ତାଙ୍କ ହାତରେ ଏବେ ଡେଟ୍ ନାହିଁ। ତେଣୁ ଭଲ ଭଲ ତିନୋଟି ଅଫର ହାତଛଡ଼ା କରିବାକୁ ବାଧ ହୋଇଛନ୍ତି। ଏ ସମ୍ପର୍କରେ ଯାମି କହନ୍ତି, 'ବର୍ତ୍ତମାନ ସୁଦ୍ଧା ଯେଉଁ କେତୋଟି ସିନେମା ସାଇନ୍ କରିଛି ତାହାର ଶୁଟିଂ କେମିତି ଶେଷ ହେବ ସେ ନେଇ ଗୁରୁତ୍ୱ ଦେଉଛି। ମୁଁ ଏବେ ଏମିତି ପ୍ୟାକ୍ ଅଛି ଯେ ନୂଆ ସିନେମା ପାଇଁ ମୋ ପାଖରେ ଡେଟ୍ ନାହିଁ। ତେଣୁ ତିନୋଟି ନୂଆ ଅଫର ହାତଛଡା କରିଛି।' ସେ ଅଭିନୟ କରିଥିବା 'ଦଶଓ୍ୱି' (ଅଭିଷେକ ବଚ୍ଚନ) 'ଏ ଥର୍ସଡେ', 'ଭୂତ ପୋଲିସ୍' (ସୈଫ ଅଲ୍ଲୀ ଖାଁ) ଏବଂ 'ଲାପତ୍ତା' ରିଲିଜ ଅପେକ୍ଷାରେ ରହିଛି। ସବୁଠାରୁ ଖାସ୍ କଥା ହେଲା, ଯାମି ଇତି ମଧ୍ୟରେ ବଲିଉଡ୍‌ରେ ତାଙ୍କର ନବମ ବର୍ଷ ପୂରଣ କରିଛନ୍ତି।

# ନୀରବତା ଅନ୍ତରାଳେ



ଶାହୀଦ

ଶାହୀଦ କପୁର ଏବେ ଅଧିକାଂଶ ସମୟ ନୀରବତା ଅବଲମ୍ବନ କରୁଛନ୍ତି। କାହା ସହ ସାକ୍ଷାତ ହେଲେ ତାଙ୍କର ପାଟି ବନ୍ଦ ହୋଇ ନ ଥାଏ। ହେଲେ ଏବେ କ'ଣ ହୋଇଛି କେଜାଣି ମାପି ଚୁପି କଥା ହେଉଛନ୍ତି। ଆବଶ୍ୟକ ନ ଥିଲେ ନୀରବ ରହୁଛନ୍ତି। ଶୁଣିବାକୁ ମିଳୁଛି ଯେ, ନିଜ କ୍ୟାରିୟରକୁ ନୂଆ ମୋଡ ଦେବା ପାଇଁ ସେ ଏପରି ଉପାୟ ଆପଣେଇଛନ୍ତି। ଭାଗ୍ୟ ଭବିଷ୍ୟ ଉପରେ ବିଶ୍ୱାସ କରୁଥିବା ଶାହୀଦ କୁଆଡେ ନିକଟରେ ଜଣେ ଜ୍ୟୋତିଷଙ୍କୁ ସାକ୍ଷାତ କରିଥିଲେ। ତାଙ୍କର ପରାମର୍ଶ ଅନୁସାରେ ସେ ଅଧିକ କଥା ହେଉନାହାନ୍ତି ବୋଲି ତାଙ୍କର ଜଣେ ସାଙ୍ଗ ସୂଚନା ଦେଇଛନ୍ତି। ନିକଟରେ ରାକେଶ ଓମ୍ ପ୍ରକାଶ ମେହେରାଙ୍କ ନୂଆ ସିନେମାରେ ଶାହୀଦ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଉଭୟ ସାମାଜିକ ଏବଂ ପୌରାଣିକ କଥାବସ୍ତୁକୁ ଆଧାର କରି ନିର୍ମିତ ହେଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏଥିରେ ତାଙ୍କର ଭୂମିକାଟି ହେଲା 'କର୍ଣ୍ଣ'। ଏହାବ୍ୟତୀତ ସେ ଅଭିନୟ କରିଥିବା ସ୍ପୋର୍ଟସ ଡ୍ରାମା 'ଜର୍ସି' ନଭେମ୍ବର ୫ରେ ପରଦା ଉପରକୁ ଆସିବ।

# ସେଲ୍ଫି ପାଇଁ...



ଜ୍ୟାକଲିନ୍

ଆଜିକାଲିର ହାଇଟେକ୍ ଯୁଗରେ ସେଲ୍ଫି ନେବା ଏକ ଫ୍ୟାଶନ ପାଲଟି ଗଲାଣି। ପୁଣି ଅନେକ ସେଲ୍ଫି ବେଶ୍ ଭାଇରାଲ ହେବାର ନଜିର ରହିଛି। ଆଉ ଏବେ ସେହି ମାୟାରେ ପଡିଛନ୍ତି ଜ୍ୟାକଲିନ୍ ଫର୍ନାଡିସ୍। ହେଲେ ନିକଟରେ ତାଙ୍କୁ ଏହି ସେଲଫି ପାଇଁ ବେଶି ହଟହଟା ହେବାକୁ ପଡିଛି। କଥା କ'ଣ କି ସର୍ଟ ଭ୍ୟାକେସନରେ ସେ ମାଳଦ୍ୱୀପ ଯାଇଥିଲେ। ସେଠାରେ କିଛି ଦିନ ରହିବା ଭିତରେ ଥରେ ଏକ କଫି ପବ୍‌ରେ ସାଙ୍ଗମାନଙ୍କ ସହ ବସିଥାଆନ୍ତି। କିଛି ସମୟ ପରେ ଆରମ୍ଭ ହେଲା ସେଲ୍ଫି ପର୍ବ। ସାଙ୍ଗମାନଙ୍କ ସହ ସେଲ୍ଫି ନେବାରେ ବ୍ୟସ୍ତ ରହିଲେ ଜ୍ୟାକଲିନ୍। କେତେବେଳେ ଏ ନେଇ ଯେ ଦେଢ଼ ଘଣ୍ଟା ବିତିଗଲାଣି ତାହା ସେ ଜାଣି ପାରି ନ ଥିଲେ। କେବଳ ସେତିକି ନୁହେଁ, ଏଥିପାଇଁ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ମିଟିଂ ମିସ୍ କରିବାକୁ ପଡିଥିଲା। ଏ ନେଇ ଜ୍ୟାକଲିନ୍ କହନ୍ତି, "ହଁ, ଏକଥା ସତ ଯେ ସେଦିନ ମୁଁ ସାଙ୍ଗମାନଙ୍କ ସହ ସେଲ୍ଫି ନେବାରେ ଏପରି ହଜି ଯାଇଥିଲି ଯେ ମୋର ଏକ ଗୁରୁତ୍ୱପୂର୍ଣ୍ଣ କାମ ଅଛି ତାହା ଜାଣିପାରି ନ ଥିଲି। ଅବଶ୍ୟ ବିଳମ୍ବରେ ହେଉ ପଛେ ତାହାକୁ ଶେଷ କରିଥିଲି। ସତ କଥା କହିବାକୁ ଗଲେ ସେଲ୍ଫି ନେବା ମୋର ଏକ ଅଭ୍ୟାସ। ଆଉ ଏହି ଫଟୋଗୁଡିକୁ ମୁଁ ଏକ ଆଲବମ୍ କରି ରଖିଥାଏ।"

# ସଲ୍ଲୁ, ଦି ଗ୍ରେଟ୍

ଦିଶା ପଟାନି ଏବେ ସଲ୍‌ମାନ ଖାଁ ଓରଫ ସଲ୍ଲୁ ମିଆଁଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ଯାହାକୁ ନେଇ ସେ ଟେନସନରେ ଥିଲେ ତାହାକୁ ମାତ୍ର କେଇ ମିନିଟ୍‌ରେ ସମାଧାନ କରିଦେଇଥିଲେ ସଲ୍ଲୁ। କଥା କ'ଣ କି ଉଭୟ ସଲ୍‌ମାନ ଏବଂ ଦିଶା ରିଲିଜ ଅପେକ୍ଷାରେ ଥିବା 'ରାଧେ-ୟୋର ମୋଷ୍ଟ ଓ୍ୱାଣ୍ଟେଡ୍ ଭାଇ'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ସମୟରେ ଏକ ଡାଇଏଗ ଡେଲିଭରିକୁ ନେଇ ଅଡୁଆରେ ପଡିଥିଲେ ଦିଶା। ୪-୫ ଥର କଟ୍ ହେବା ପରେ ସିଟ୍‌ରୁ ଉଠି ଦିଶାଙ୍କ ପାଖକୁ ଆସିଥିଲେ ସଲ୍‌ମାନ। କିଛି ସମୟରେ ଦୁହେଁ କଥା ହୋଇଥିଲେ। ଏପରି କି ଠିଆ ହୋଇ ତାଙ୍କୁ ଆକ୍ସନ କରି କିଛି ବୁଝାଇଥିଲେ ସେ। ସେତିକି ବେଳେ ଦୂରରେ ଥିବା ନିର୍ଦ୍ଦେଶକ ପ୍ରଭୁ ଦେବା ସେମାନଙ୍କ ପାଖକୁ ଆସି ଦୁହିଁଙ୍କୁ ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଆଉ ତା'ପରେ ମାତ୍ର କେଇଟା ଶଟ୍‌ରେ ତାହା ଓକେ ହୋଇଥିଲା। ଏହି ଫିଲ୍ମର ସବୀର ଅହମ୍ମଦଙ୍କ ରଚିତ, ଦେବୀ ଶ୍ରୀ ପ୍ରସାଦଙ୍କ ସ୍ୱର ସଂଯୋଜିତ ଏବଂ କମଲ ଖାନ୍ ଏବଂ ଲୁଲିଆ ଭାନ୍ତୁର ଗାଇଥିବା 'ସିଟି ମାର୍' ଗୀତଟି ଏବେ ବେଶ୍ ଭାଇରାଲ ହୋଇଛି। ସଲ୍‌ମାନ-ଦିଶାଙ୍କ ବ୍ୟତୀତ ରଣଦୀପ ହୁଡା ଏବଂ ଜ୍ୟାକି ଶ୍ରଫ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି ଚଳିତ ବର୍ଷ ମେ' ୧୩ରେ ରିଲିଜ ହେବାର ଯୋଜନା ରହିଛି।



ଦିଶା – ସଲ୍‌ମାନ

ପ୍ରଥମ ରୋଜଗାର



ଶିକ୍ଷାବିତ୍ ତଥା ସାହିତ୍ୟିକ **ଡ. ନାରାୟଣ ବାରିକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାର ଟଙ୍କାରେ ବହି କିଣିଥିଲି

ଯାଜପୁର ଜିଲା ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟରୁ ୧୯୭୦ରେ ଏକାଦଶ ପାସ୍ କରିବା ପରେ ଯାଜପୁର ଏନ.ସି. କଲେଜରେ ଦୁଇ ବର୍ଷ ବିଜ୍ଞାନ ପଢ଼ିଥିଲି। ସ୍କୁଲ ପଢ଼ାବେଳୁ ଯେହେତୁ ସାହିତ୍ୟ ପ୍ରତି ଅନୁରକ୍ତି ରହି ଆସିଥିଲା, ତେଣୁ ଓଡ଼ିଆ ଅନର୍ସରେ ବି.ଏ. ପଢ଼ିବାକୁ ମୁଁ ନିଷ୍ପତ୍ତି ନେଇଥିଲି। ସମୟକ୍ରମେ ଶିକ୍ଷା କ୍ଷେତ୍ରରେ ଓଡ଼ିଆରେ ଏମ୍.ଏ. ଓ ପରେ ବି.ଇଡି, ଏମ୍.ଇଡି ଶେଷକରି ବୋଲଗଡ଼ ବି.ଇଡି ଟ୍ରେନିଂ କଲେଜରେ ଶିକ୍ଷା ବିଭାଗର ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ଏଥିରୁ ଯେଉଁ ରୋଜଗାର ହୋଇଥିଲା, ସେଥିରେ ମୁଁ ପି.ଏଚ୍‌ଡି କରିବା ପାଇଁ ଅନେକ ରେଫରେନ୍ସ ବହି ଓ ପତ୍ରପତ୍ରିକା କିଣିବା ସହ ବିଭିନ୍ନ ସ୍ଥାନ ଭ୍ରମଣ କରି ପି.ଏଚ୍‌ଡି ଡାଟା ସଂଗ୍ରହ କରିବାରେ ବିନିଯୋଗ କରିଥିଲି। ଏହାର କିଛିଦିନ ପରେ ପି.ଏସ.ସି (ପବ୍ଲିକ୍ ସର୍ଭିସ୍ କମିଶନ୍) ପାଇ ଫକିରପୁର ବି.ଇଡି ଟ୍ରେନିଂ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେବା ପରେ ଉତ୍କଳ ୟୁନିର୍ଭସିଟିରୁ ଶିକ୍ଷା କ୍ଷେତ୍ରରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲି। ଏହାପରେ ସେଠାରେ କିଛିଦିନ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ ଦାୟିତ୍ୱରେ ରହି ବାରିପଦା ବି.ଇଡି ଟ୍ରେନିଂ କଲେଜକୁ ବଦଳି ହୋଇ ଆସିଥିଲି। ଏଠାରେ କାର୍ଯ୍ୟରତ ଥିବା ସମୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଏମ୍.ଏ., ଏମ୍.ଫିଲ୍ ଶ୍ରେଣୀ ପାଇଁ ଗେଷ୍ଟ ଫାକଲ୍ଟି ଭାବେ କାର୍ଯ୍ୟ ତୁଲାଇବା ସହ ପିଏଚ୍‌ଡି ଗାଇଡ୍ ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲି। ଶେଷରେ ୨୦୧୩ରେ ବାରିପଦା ବି.ଇଡି ଟ୍ରେନିଂ କଲେଜରୁ ଚାକିରିରୁ ଅବସର ଗ୍ରହଣ କରିଥିଲି। ଏହାପରେ ପର୍ଯ୍ୟାୟକ୍ରମେ ଚାରିବର୍ଷ ପଶ୍ଚିମବଙ୍ଗ କଲ୍ୟାଣୀ ୟୁନିର୍ଭସିଟିର ମୁର୍ସିଦାବାଦ ବି.ଇଡି ଟ୍ରେନିଂ କଲେଜ ଓ ବର୍ଦ୍ଧମାନ ୟୁନିର୍ଭସିଟିର ଆସାନ୍‌ସୋଲ୍ ବି.ଇଡି ଟ୍ରେନିଂ କଲେଜରେ ପ୍ରିନ୍ସିପାଲ୍ କାର୍ଯ୍ୟ ତୁଲାଇସାରିବା ପରେ ପୁଣି ଓଡ଼ିଶା ଫେରିଆସି ଉତ୍କଳ ୟୁନିଭର୍ସିଟିର ଡି.ଡି.ସି.ଇରେ ୫ବର୍ଷ ଗେଷ୍ଟ ଫାକଲ୍ଟି ଭାବେ ଅଧ୍ୟାପନା କରିଥିଲି। ତେବେ ବର୍ତ୍ତମାନ ମୁଁ ଉତ୍କଳ ୟୁନିଭର୍ସିଟି ଓ ଉତ୍ତର ଓଡ଼ିଶା ୟୁନିଭର୍ସିଟିରେ ପି.ଏଚ୍.ଡି ଗାଇଡ୍ ଭାବେ କାର୍ଯ୍ୟ କରି ଯା'ଭିତରେ ୪ ଜଣ ବିଦ୍ୟାର୍ଥୀଙ୍କୁ ପି.ଏଚ୍‌ଡି ପ୍ରଦାନ କରିଛି। ଏହାସହିତ ନଳିନୀ ଦେବୀ କଲେଜ ଅଫ୍ ଟିଚର୍ ଏଜୁକେଶନରେ ଇଗ୍‌ନୋର ଏକାଡେମିକ୍ କାଉନ୍‌ସିଲର୍ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଅଛି। ତା'ସହିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନ ସାଇ ଏକାଡେମୀ ଅଫ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍‌ରେ ପ୍ରିନ୍ସିପାଲ୍ ଭାବେ ମଧ୍ୟ କାର୍ଯ୍ୟରତ ଅଛି। ତେବେ ଏ ତ ଥିଲା ମୋ ଶିକ୍ଷା ଏବଂ ବୃତ୍ତିଗତ କଥା। ଏହାବାଦ୍ ସାହିତ୍ୟ କ୍ଷେତ୍ରରେ ମଧ୍ୟ ମୋର ଏକ ଭିନ୍ନ ପରିଚୟ ରହିଛି। ବିଶେଷକରି ଗପ, କବିତା, ନାଟକ, ପ୍ରବନ୍ଧ, ଶିଶୁ କବିତା ତଥା ଶିକ୍ଷା ସମ୍ବନ୍ଧୀୟ ସନ୍ଦର୍ଭ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲେଖା ମୋର ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶ ପାଇସାରିଲାଣି। ତା'ଛଡ଼ା ଶିକ୍ଷା ସମ୍ବନ୍ଧୀୟ ମୋ ଲିଖିତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଉଭୟ ଓଡ଼ିଆ ଓ ଇଂଲିଶ ପୁସ୍ତକ ଯା'ଭିତରେ ପ୍ରକାଶ ପାଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ମଧ୍ୟ ସ୍ଥାନ ପାଇସାରିଲାଣି, ଯାହା ମୋ ପାଇଁ ଏକ ସୌଭାଗ୍ୟର ବିଷୟ। ଏହାଛଡ଼ା ବାଇ ଚଢ଼େଇ, ଭାଷା, ଶିକ୍ଷାଲିପି, ଶୈବଳିନୀ, ଉନ୍ମେଷ, ସ୍ୱପ୍ନଶ୍ରୀ ତଥା ଏଜୁକେଶନ ଟୁଡେ ଇତ୍ୟାଦି ମାଗାଜିନ୍‌ର ସମ୍ପାଦନା ଦାୟିତ୍ୱ ବି ମୁଁ ତୁଲାଇସାରିଛି। ତେବେ ସାହିତ୍ୟ ତଥା ଶିକ୍ଷା କ୍ଷେତ୍ରରେ ମୋର ଅତୁଳନୀୟ ଦାନ ପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ତଥା ସମ୍ମାନିତ କରାଯାଇଛି।

# ରଙ୍ଗିଲା ମନକୁ ଚୋରା ପୀରତି, ଅନିଦ୍ରାରେ ବିତି ଯାଉଛି ରାତି

**ପ୍ରଶ୍ନ**–ସେ ମୋ ମନର ମାନସୀ। ତା' ପ୍ରେମରେ ମୁଁ ପାଗଳ ହୋଇଯାଇଛି। କିନ୍ତୁ ସେ ମୋତେ ଭଲ ପାଉଛି କି ନାହିଁ ତାହା ଜାଣେନା। ତା' କଥା ଭାବି ଭାବି ରାତି ପାହି ଯାଉଛି। ସେ ମୋତେ କେବେ ମିଳିବ କହିବେ କି ସାଥୀ ?

*–ସନ୍ତୋଷ କୁମାର, ବରଗଡ*

**ଉତ୍ତର:** ଆପଣଙ୍କ ପ୍ରେମ ଯାହା ଅନ୍ଧାରରେ ବାଡ଼ି ବୁଲାଇବା ସେଇଆ। ମନକୁ ମନ ଜଣେ ଝିଅକୁ ଭଲ ପାଇବା ଆଉ ତାହା ସକ୍‌ସେସ୍ ହେବ ବୋଲି ଆଶା ବାନ୍ଧି ବସିବା କେତେ ଦୂର ଠିକ୍ ତାହା ପ୍ରଥମେ ତର୍ଜମା କରନ୍ତୁ। 'ରଙ୍ଗିଲା ମନକୁ ଚୋରା ପୀରତି ଅନିଦ୍ରାରେ ବିତି ଯାଉଛି ରାତି।' ତେଣୁ ମନକୁ ଟିକେ ବୁଝାଇ ଦିଅନ୍ତୁ ଯେ ଆପଣ ଯେଉଁ ବୁଦ୍ଧି ଆପ୍ଲାଏ କରି ପ୍ରେମ କରୁଛନ୍ତି ତାହା ଠିକ୍ ନୁହେଁ। ଏପରି ପ୍ରେମିକାଟିଏ ଯୋଗାଡ କରନ୍ତୁ, ଯାହାକୁ ଆପଣ କେବଳ ଭଲ ପାଉ ନ ଥିବେ ସେ ଆପଣଙ୍କୁ ମନ ପ୍ରାଣ ଦେଇ ଲଭ୍ କରୁଥିବ। ତେବେ ଯାଇ ଆପଣ ପ୍ରେମର ଅସଲ ମଜା ପାଇବେ ଆଉ ଦିନ ରାତି ଆପଣଙ୍କୁ ରଙ୍ଗିନ ଲାଗିବ।

**ପ୍ରଶ୍ନ**–ଜଣେ ଝିଅକୁ ଭଲ ପାଇ ତା' ପାଇଁ ଅନେକ ଟଙ୍କା ବରବାଦ୍ କରିସାରିଲିଣି। ଏ କଥା ମୋ ମୁଣ୍ଡରେ ପଶିଲା ବେଳକୁ ସବୁ କିଛି ଶେଷ। ଏବେ ଶୁଣୁଛି ସେ ପ୍ରକୃତରେ ମୋତେ ଭଲ ପାଉ ନ ଥିଲା। ଧନ ଲୋଭରେ ମୋତେ ପ୍ରେମ କରୁଥିଲା। ଏବେ ସେ ଆଉ ଜଣେ ଯୁବକକୁ ପ୍ରେମ କରୁଛି। ବର୍ତ୍ତମାନ ମୁଁ କ'ଣ କରିବି ?

*–ତନ୍ମୟ ଦାସ, ରାଉରକେଲା*

**ଉତ୍ତର:** ନିର୍ଜନ ସ୍ଥାନକୁ ଯାଇ ନିଜେ ଯେଉଁ କର୍ମ କରିଛନ୍ତି ତାହାର ଗଭୀର ଭାବରେ ତର୍ଜମା କରନ୍ତୁ। ଯଦି ପ୍ରକୃତରେ ଆପଣ ହୃଦୟଙ୍ଗମ କରୁଛନ୍ତି ଯେ, ସେହି ଝିଅକୁ ଭଲ ପାଇ ଭୁଲ କରିଛନ୍ତି, ତେବେ ଏ ବିଷୟରେ ବହୁତ ପୂର୍ବରୁ ଚିନ୍ତା କରିବାର ଥିଲା। ହେଲେ କ'ଣ ହେବ ? ସେତେବେଳେ ପ୍ରେମର ନିଶା ଆପଣଙ୍କୁ ଫୁଲ୍ ଘାରିଥିଲା। ଆଉ ସେଥିରେ ଆପଣ ଏମିତି ହଜି ଯାଇଥିଲେ ଯେ ଭୁଲ୍ କ'ଣ, ଠିକ୍ କ'ଣ ତାହା ଜାଣିପାରୁ ନ ଥିଲେ। ଏବେ ଯଦି ନିଜର ଭୁଲ୍ ବୁଝିପାରିଛନ୍ତି ତେବେ ପ୍ରଥମେ ସେଭଳି ପ୍ରେମରେ ପରମାନେଣ୍ଟ ଦି ଏଣ୍ଡ ଟାଣିଦିଅନ୍ତୁ। କଥାରେ ଅଛି ଗତସ୍ୟ ଶୋଚନାଂ ନାସ୍ତି। ତେଣୁ ଭବିଷ୍ୟତରେ ପ୍ରେମ କଲେ ଏପରି ଭୁଲ୍ ଯେମିତି ରିପିଟ୍ ନ ହୁଏ ସେ ନେଇ ନିଜକୁ ମାନସିକ ସ୍ତରରେ ଦୃଢ଼ କରିନିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରେମିକା ମୋ ପାଇଁ କବିତାଟିଏ। ସେହି କବିତାକୁ ଦେଖି ଅନେକ କବିତା ଲେଖିସାରିଛି। ହେଲେ ମୋ କବିତା ଲେଖିବାକୁ ମୋ ପ୍ରେମିକା ପସନ୍ଦ କରୁନି। କ'ଣ କରିବି ?

*–ସରୋଜ ରଥ, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରେମିକାର କବିତା ପ୍ରତି ରୁଚି ଅଛି ତ ? ଯଦି ନାହିଁ, ତେବେ ତାକୁ ଏ ନେଇ ବାଧ କଲେ କବିତା ପ୍ରତି ତା' ମନରେ ଥିବା ନକାରାତ୍ମକ ଭାବନା ଆହୁରି ବଢ଼ିବ ପଛେ କମିବ ନାହିଁ। ତେଣୁ ଏ ନେଇ ତା' ମନରେ ସକାରାତ୍ମକ ମାନସିକତା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ। ଯଦି ତାହାର ରୁଚି ନାହିଁ, ତେବେ ସେହି ଘଟଣାକୁ ଯେତେ ଶୀଘ୍ର ଶେଷ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ। ନହେଲେ ଯାହାକୁ ଆପଣ ଭଲ ବୋଲି ଭାବୁଛନ୍ତି ହୁଏତ ସେଥିପାଇଁ ଆପଣ ଏବଂ ଆପଣଙ୍କ ପ୍ରେମିକା ମଧ୍ୟରେ ତିକ୍ତତା ବଢ଼ିବାର ଆଶଙ୍କା ରହିଛି।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଛାଡି ଆଉ ଜଣକୁ ଭଲ ପାଉଛି। ଏବେ ମୁଁ କ'ଣ କରିବି ?

*–ଅନିକେତ ରାଉତ, କେନ୍ଦ୍ରାପଡା*

**ଉତ୍ତର:** ଏବେ ଆଉ କିଛି କରିବାର ନାହିଁ। ଯାହା କିଛି କରିବାକୁ ଚିନ୍ତା କରିଛନ୍ତି ସେଥିରୁ ସୁଫଳ ମିଳିବା ଚାନ୍ସ କମ, ଟେନ୍‌ସନ୍ ବେଶି । କାରଣ ଯିଏ ଆପଣଙ୍କ ମନର ମାନସୀ ହୋଇ ରହିଥିଲା, ସେ ଆଜି ଆଉ କାହା ମନରେ ବସା ବାନ୍ଧି ସାରିଲାଣି। ତେଣୁ ସେଭଳି ପ୍ରେମକୁ ଯେତେଶୀଘ୍ର ଗୁଡବାୟ କରିବେ ସେତେ ଭଲ। ନ ହେଲେ ଏମିତି ମଝି ବାଟରେ ସନ୍ତୁଳି ହେଉଥିବେ।



# ପେପର୍ ଜୁଏଲେରି







**ଖାଲି ଯେ ସୁନା, ରୁପା, ହୀରା, ମୋତି, ମାଣିକ ପରି ମୂଲ୍ୟବାନ ଧାତୁରେ ଗହଣା ତିଆରି ହୁଏ ତାହା ନୁହେଁ। ଆଜିକାଲି ପ୍ଲାଷ୍ଟିକ୍, ମାଟି, ଶାମୁକା ଭଳି ଜିନିଷରେ ବି ଗହଣା ତିଆରି ହେଉଛି। ଏମିତି କି ପେପର୍ ବା କାଗଜକୁ ମଧ୍ୟ ଗହଣାର ରୂପ ଦିଆଯାଉଛି। ଏହି ପେପର୍ ଜୁଏଲେରି ଯେମିତି ହାଲ୍‌କା, ଦାମ୍ ବି ସେମିତି କମ୍। ଆଉ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ। ତେଣୁ ଟିନ୍‌ଏଜ୍ ଗର୍ଲ ଓ ଯୁବତୀମାନଙ୍କ ଭିତରେ ଦେଖିବାକୁ ମିଳୁଛି ଏହା ପାଇଁ କ୍ରେଜ୍...**

**ପେପର୍ ଜୁଏଲେରିର ପ୍ରକାର:** ପେପର୍ ଜୁଏଲେରିରେ ଇୟରିଂ, ରିଂ, ବ୍ରେସ୍‌ଲେଟ୍, ସିଙ୍ଗଲ୍ ପେଣ୍ଡେଣ୍ଟଠୁ ଆରମ୍ଭ କରି ସୁନ୍ଦର ନେକ୍‌ଲେସ୍ ବି ଉପଲବ୍ଧ ହେଉଛି। କିଛି ପେପର୍ ଜୁଏଲେରି ଫଙ୍କି ଲୁକ୍ ଦିଏ ତ ଆଉ କିଛି ଟ୍ରାଡିଶନାଲ ଲୁକ୍ ଦେଇଥାଏ।

**ହାଣ୍ଡପେଣ୍ଟ ପେପର୍ ଜୁଏଲେରି–** ମୋଟା ପେପର୍ ଉପରେ ହାଣ୍ଡପେଣ୍ଟ ହୋଇଥିବା ଜୁଏଲେରି ଖାସ୍‌କରି ଅନ୍‌ଲାଇନ୍‌ରେ ଉପଲବ୍ଧ ହୁଏ। ଏଥିରେ ଦେବଦେବୀ, ପ୍ରାକୃତିକ ଦୃଶ୍ୟ ସହ ହାଣ୍ଡଲୁମ୍ ବସ୍ତ୍ର ଭଳି ଡିଜାଇନ୍ ହୋଇଥାଏ, ଯାହାକୁ ପିନ୍ଧିଲେ ଲୁକ୍ ଟ୍ରେଣ୍ଡି ଲାଗେ। ଏହି ଜୁଏଲେରିକୁ ଶାଢ଼ି, କୁର୍ତ୍ତି ଆଦିରେ ପିନ୍ଧିଲେ ଭଲ ଲାଗେ।

**ପେପର୍ କ୍ୱିଲିଂ ଜୁଏଲେରି–** ପ୍ରଥମେ ବିଭିନ୍ନ ରଙ୍ଗର ମୋଟା ପେପର୍ ସିଟ୍‌କୁ ଲମ୍ବା ଲମ୍ବା କରି ଆବଶ୍ୟକତା ଅନୁସାରେ ପତଳା କିମ୍ବା ମୋଟା ଆକାରରେ କଟାଯାଏ। ତା’ପରେ ସେଗୁଡିକୁ ମୋଡ଼ି ମୋଡ଼ି ଗୋଲ ରୂପ ଦିଆଯାଏ। ପରେ ସେଗୁଡ଼ିକୁ ଯୋଡ଼ି ବିଭିନ୍ନ ସୁନ୍ଦର ସୁନ୍ଦର ରୂପ ଦିଆଯାଏ। ତିଆରି କରିବାବେଳେ ଏହା ଯେମିତି ମଜଭୁତ ଏବଂ ୱାଟରପ୍ରୁଫ୍ ହେବ ସେଥିପ୍ରତି ବିଶେଷ ସାବଧାନତା ଅବଲମ୍ବନ କରାଯାଏ। ଏହି ପଦ୍ଧତିରେ ତିଆରି କରାଯାଉଥିବା ଜୁଏଲେରିକୁ ପେପର୍ କ୍ୱିଲିଂ ଜୁଏଲେରି କୁହାଯାଏ। ମୟୂର, ମୟୂର ପୁଚ୍ଛ, ବିଭିନ୍ନ ପ୍ରକାରର ରଙ୍ଗିନ ଫୁଲର ଜୁଏଲେରି ଏହି ପଦ୍ଧତିରେ କରାଯାଇଥାଏ ; ଯାହା କି ଦେଖିବାକୁ ବେଶ୍ ଆକର୍ଷକ ହୋଇଥାଏ।

**କଟିଂ ଓ ଡିଜାଇନିଂରେ ପେପର୍ ଜୁଏଲେରି–** ପେପର୍‌କୁ ବିଭିନ୍ନ ଆକାରରେ କାଟି ଭିନ୍ନ ଭିନ୍ନ ଡିଜାଇନ୍ କରି ମଧ୍ୟ ଜୁଏଲେରି ତିଆରି କରାଯାଉଛି। ଗୋଲାପ ଫୁଲ ସହ ବିଭିନ୍ନ ପ୍ରକାରର ରଙ୍ଗିନ ଫୁଲ, ଏମିତି କି ବିଭିନ୍ନ ପ୍ରକାରର ଟ୍ରେଣ୍ଡି ଡିଜାଇନ୍‌ର ପେପର୍ ଜୁଏଲେରି ଏହି ପଦ୍ଧତିରେ କରାଯାଏ। ଏଗୁଡ଼ିକୁ ମଡର୍ନ ଆଉଟ୍‌ଫିଟ୍‌ରେ କ୍ୟାରି କରିପାରିବେ।

**ଶସ୍ତା ଯେମିତି ସୁନ୍ଦର ସେମିତି–** ପେପର୍ ଜୁଏଲେରି ଦେଖିବାକୁ ଯେତିକି ସୁନ୍ଦର ସେତିକି ଶସ୍ତା ମଧ୍ୟ। ପେପର୍‌ରେ ତିଆରି ଇୟରିଂର ମୂଲ୍ୟ ସାଧାରଣତଃ ୨୫ଟଙ୍କାରୁ ଆରମ୍ଭ ହୁଏ। ସିଙ୍ଗଲ ପେଣ୍ଡେଣ୍ଟ ୧୦୦ଟଙ୍କାରୁ ଆରମ୍ଭ ହେଉଥିବାବେଳେ ବ୍ରେସ୍‌ଲେଟ୍ ୩୫ଟଙ୍କାରେ ବି ମିଳିଯାଏ। ପେପର୍ ଜୁଏଲେରିରେ ଉଡେନ୍ ବିଡ୍ସ, ଗ୍ଲାସ୍ ବିଡ୍ସ, କ୍ରିଷ୍ଟଲ୍, କୁନ୍ଦନ, ଷ୍ଟୋନ୍ ଆଦି ମଧ୍ୟ ବ୍ୟବହାର ହୁଏ। ତେଣୁ ଜୁଏଲେରି ଲାଗେ ବହୁତ ଆକର୍ଷକ।

**ସ୍କିନ୍ ଫ୍ରେଣ୍ଡଲି–** କେହି କେହି ସ୍କିନ୍ ସେନ୍‌ସିଟିଭ୍ ହୋଇଥାଆନ୍ତି। ସେମାନେ କୌଣସି ମେଟାଲ୍‌ର ଗହଣା ପିନ୍ଧିଲେ ଆଲର୍ଜି ହୋଇଥାଏ। କିନ୍ତୁ ପେପର୍ ଜୁଏଲେରିରେ ସେମିତି କିଛି ହୋଇ ନ ଥାଏ। ଏହା ସମ୍ପୂର୍ଣ୍ଣ ସ୍କିନ୍ ଫ୍ରେଣ୍ଡଲି।











## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ପ୍ରିୟଙ୍କା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ– କୁମାର ଶରତ

# ହାଃ ହାଃ

## ରାଜଧାନୀ

ମୁନୁ ମନ୍ଦିରରେ ଠାକୁରଙ୍କୁ ବହୁତ କାକୁତିମିନତି ହୋଇ ସୁମରଣା କରୁଥାଏ– ହେ ପ୍ରଭୁ, ଆନ୍ଧ୍ରପ୍ରଦେଶକୁ ଆମେରିକାର ରାଜଧାନୀ କରିଦିଅ। ମୁଁ ସବୁଦିନ ଖାଲି ପାଦରେ ଚାଲି ଚାଲି ମନ୍ଦିର ଆସି ପୂଜା କରିବି। ଗରିବଙ୍କୁ ଖାଇବାକୁ ବି ଦେବି।

ଠାକୁର ପ୍ରସନ୍ନ ହୋଇ– ହଉ ଠିକ୍ ଅଛି। ହେଲେ ଏମିତି କାହିଁକି କରିବି ?

ମୁନୁ– ମୁଁ ପରୀକ୍ଷାରେ ପରା ଲେଖିକି ଆସିଛି, ଆମେରିକାର ରାଜଧାନୀ ଆନ୍ଧ୍ରପ୍ରଦେଶ।

## ଉପଦେଶ

ସୋହମ୍ ରାଜେଶକୁ– ଆଜି ମୁଁ ବାବା ଶ୍ୟାମଚରଣଙ୍କ ଉପଦେଶ ଶୁଣୁଥିଲି। ଭାରି ଭଲ ଲାଗିଲା। ତୁ ବି ଶୁଣ।

ରାଜେଶ– ଆଉ କାହା ଉପଦେଶ କ'ଣ ଶୁଣିବି। ମୁଁ ତ ୧୦ ବର୍ଷ ହେଲା ଗୀତା ଉପଦେଶ ଶୁଣୁଛି।

ସୋହମ୍– ସତ ! ବହୁତ ଭଲ।

ରାଜେଶ– କ'ଣ ଭଲ।

ଗୀତା ମୋ ସ୍ତ୍ରୀ।

## ବଞ୍ଚିଗଲା

ଝିଅ ବାପାଙ୍କୁ– ମୁଁ ପଡ଼ୋଶୀ ଘର ଯୁବକକୁ ଭଲପାଉଛି। ଆଉ ଘର ଛାଡ଼ି ତା' ସହ ଯାଉଛି।

ବାପା–ଯାହା ହେଉ ମୋ ସମୟ ଓ ପଇସା ଉଭୟ ବଞ୍ଚିଗଲା।

ଝିଅ– ବାପା ମୁଁ ମୋ କଥା କହୁନି। ଚିଠି ପଢ଼ୁଛି, ଯାହାକୁ ମାମା ରଖି ଦେଇ ଯାଇଛନ୍ତି।



## ଆସାମର ଅନନ୍ୟ ଶୈଳନିବାସ

# ହାଫ୍‌ଲଙ୍ଗ

**ଆସାମର ଏକ ଲୋକପ୍ରିୟ ଶୈଳନିବାସ ହେଉଛି ହାଫ୍‌ଲଙ୍ଗ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ମନୋମୁଗ୍ଧକର ସେମିତି ଶାନ୍ତି ପ୍ରଦାନକାରୀ। ଖାସ୍‌କରି ଖରାଦିନେ ଶୀତଳତାର ପରଶ ନେବାକୁ ଏଠାରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ...**

ପୂର୍ବୋତ୍ତର ଭାରତରେ ଅବସ୍ଥିତ ଆସାମ ହେଉଛି ଏକ ସୁନ୍ଦର ରାଜ୍ୟ। ଏହାର ଡିମା ହାସାଓ ଜିଲାରେ ରହିଛି ହାଫ୍‌ଲଙ୍ଗ ନାମରେ ଏକ ଶୈଳନିବାସ, ଯାହାର ଆକର୍ଷଣୀୟ ସୌନ୍ଦର୍ଯ୍ୟ ହୋଇଥାଏ ଖୁବ୍ ମନୋମୁଗ୍ଧକର। ତେବେ ଏଠାରେ ନା ଦେଖିବାକୁ ମିଳେ ବରଫରେ ଢାଙ୍କି ହୋଇ ରହିଥିବା ପାହାଡ଼ ନା ଅନୁଭବ କରିହୁଏ ଦେହଥରା ଶୀତ। କିନ୍ତୁ ଜଙ୍ଗଲ ପରିବେଷ୍ଟିତ ପାହାଡ଼, ଝରଣା ଓ ହ୍ରଦର ଅପୂର୍ବ ଶୋଭାରେ ଖୁବ୍ ଆକର୍ଷଣୀୟ ଲାଗୁଥିବା ହାଫ୍‌ଲଙ୍ଗର ପରିବେଶକୁ ଦେଖିଲେ ଲାଗେ ସତେ ଯେମିତି ଏଠାରେ ସୁଇଜର୍‌ଲାଣ୍ଡର କିଛିଟା ଛାପ ରହିଛି। ଖାସ୍ ସେଥିପାଇଁ ହାଫ୍‌ଲଙ୍ଗକୁ ଅନେକେ ପୂର୍ବୋତ୍ତର ଭାରତର ସୁଇଜର୍‌ଲାଣ୍ଡ ବୋଲି ମଧ୍ୟ କହିଥାନ୍ତି। ମୁଖ୍ୟତଃ ଏଠାକାର ଶୀତଳତାପୂର୍ଣ୍ଣ ଜଳବାୟୁ ଖରାଦିନେ ପର୍ଯ୍ୟଟକଙ୍କୁ ବେଶ୍ ଆରାମ ପ୍ରଦାନ କରିଥାଏ। ଏଥିଯୋଗୁ ଖରାଛୁଟି କଟାଇବା ପାଇଁ ଦେଶବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

### ଆଉ କ'ଣ ଖାସ୍ ରହିଛି ଏଠାରେ

ସମୁଦ୍ରପତ୍ତନରୁ ପ୍ରାୟ ୯୬୬ ମିଟର ଉଚ୍ଚତାରେ ଥିବା ହାଫ୍‌ଲଙ୍ଗରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଦର୍ଶନୀୟ ସ୍ଥାନ, ଯେମିତି କି:





**ହାଫ୍‌ଲଙ୍ଗ ପର୍ବତ:** ସ୍ଥାନୀୟ ଅଞ୍ଚଳର ମୁଖ୍ୟ ଆକର୍ଷଣ ହେଉଛି ଏହି ପର୍ବତ। ସବୁଜ ବୃକ୍ଷଲତାରେ ପରିପୂର୍ଣ୍ଣ ଏହି ପର୍ବତ ନିକଟରେ ପିକ୍‌ନିକ୍ କରିବା ପାଇଁ ବେଶ୍ ସୁବିଧା ରହିଛି। ତା'ଛଡ଼ା ଟ୍ରେକିଂପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ।

**ହାଫ୍‌ଲଙ୍ଗ ହ୍ରଦ:** ଏହା ହାଫ୍‌ଲଙ୍ଗ ଟାଉନ୍‌ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏଠାରେ ବୋଟିଂର ସୁବିଧା ବି ରହିଛି। ଏପରି କି ଫିଶିଂରେ ରୁଚି ରଖୁଥିବା ବ୍ୟକ୍ତି ମଧ୍ୟ ଏଠାରେ ଭରପୂର ମଜା ନେଇପାରନ୍ତି।

**ଫିଆଙ୍ଗପୁଇ:** ଏହା ମଧ୍ୟ ହାଫ୍‌ଲଙ୍ଗ ନିକଟସ୍ଥ ଅନ୍ୟତମ ଆକର୍ଷଣୀୟ ସ୍ଥାନ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଫିଆଙ୍ଗପୁଇ ଗାର୍ଡେନ୍ ଏବଂ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଚର୍ଚ୍ଚ।

**ଜଟିଙ୍ଗା:** ଏହା ହେଉଛି ସ୍ଥାନୀୟ ଏକ ଆକର୍ଷଣୀୟ ଗାଁ। ସବୁଜ ବନାନୀ ଦ୍ୱାରା ଘେରି ହୋଇ ରହିଥିବା ଏହି ଗାଁରେ କୁଆଡ଼େ ପକ୍ଷୀମାନେ ଆତ୍ମହତ୍ୟା କରିବାକୁ ଆସିଥାନ୍ତି ବୋଲି ଲୋକକଥା ରହିଛି। କିନ୍ତୁ ଏହା ପଛରେ କେତେ ସତ୍ୟତା ଅଛି ତାହାର ଠିକ୍ ପ୍ରମାଣ ଏଯାଏ ବି ମିଳିନାହିଁ। ତେବେ ସେ ଯାହା ବି ହେଉ ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ଏହି ଗାଁକୁ ବୁଲିଯିବା ପାଇଁ ପର୍ଯ୍ୟଟକଙ୍କ ଭିତରେ ସର୍ବଦା ବେଶ୍ ଉତ୍ସାହ ଦେଖିବାକୁ ମିଳିଥାଏ।

### କେବେ ଓ କେମିତି ଯିବେ

ଏଠାକାର ତାପମାତ୍ରା ପ୍ରାୟତଃ ଠିକ୍‌ଠାକ୍ ରହିଥାଏ। ଖରାଦିନେ ନା ବେଶି ଗରମ ହୁଏ, ନା ଶୀତଦିନେ ବେଶି ଥଣ୍ଡା। ସେହିପରି ବର୍ଷା ମଧ୍ୟ ଏଠି ସାଧାରଣ ହୋଇଥାଏ। ତେବେ ଏଠାକୁ ବୁଲିଯିବା ପାଇଁ ସବୁଠୁ ଭଲ ସମୟ ହେଉଛି ଖରାଦିନ। କାରଣ ଏହି ସମୟରେ ଏଠାରେ ଝାଞ୍ଜି ପବନ ପରିବର୍ତ୍ତେ ଶୀତଳତାର ସ୍ପର୍ଶ ଅନୁଭବ କରିହୁଏ। ସେହିପରି ହାଫ୍‌ଲଙ୍ଗକୁ ବୁଲିଯିବା ପାଇଁ ଗମନାଗମନର ତିନୋଟି ମାଧ୍ୟମର ଭଲ ବ୍ୟବସ୍ଥା ରହିଛି।

### ରହିବେ କେଉଁଠି ଖାଇବେ କ'ଣ

ଏଠାରେ ଖୁବ୍ କମ୍ ବଜେଟ୍‌ରେ ରହିବା ପାଇଁ କେତୋଟି ଛୋଟ ଛୋଟ ହୋଟେଲ୍‌ର ସୁବିଧା ରହିଛି। ସେହିପରି ଏଠାକାର ରାସ୍ତା ପାର୍ଶ୍ୱରେ କେତୋଟି ସ୍ନାକ୍ସ ଦୋକାନ, ଫୁଡ୍ ଷ୍ଟଲ୍ ତଥା ରେଷ୍ଟୁରାଣ୍ଟ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ତେଣୁ ଯେଉଁମାନେ ଖୁବ୍ କମ୍ ବଜେଟ୍‌ରେ ବୁଲିଯିବାର ପ୍ଲାନିଂ କରୁଥାନ୍ତି, ସେମାନଙ୍କ ପାଇଁ ଏହି ସ୍ଥାନଟି ବେଶ୍ ସୁବିଧା ହୋଇଥାଏ।







# ସୁରକ୍ଷା ଦେବ, ପେଟ୍ରୋଲ ବଞ୍ଚେଇବ



ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେଇଥାଏ ହେଲମେଟ୍। ଏଇକଥା ସମସ୍ତେ ଜାଣନ୍ତି। ତେବେ ନିକଟରେ ଏଭଳି ଏକ ହେଲ୍‌ମେଟ୍ ତିଆରି କରାଯାଇଛି, ଯାହା କି ଦୁର୍ଘଟଣାରେ ସୁରକ୍ଷା ଦେବାସହ ପେଟ୍ରୋଲ ବି ବଞ୍ଚେଇବ। କେବଳ ସେତିକି ନୁହେଁ କିଛି ଅଘଟଣ ଘଟିଲେ ପୋଲିସ୍ ଓ ଆମ୍ବୁଲାନ୍ସକୁ ବି ସୂଚନା ଦେଇଦେବ। ତା'ସହ ଏହାଦ୍ୱାରା ଟ୍ରାଫିକ୍ ବି ନିୟନ୍ତ୍ରଣ ହେବ। ଏହି ବହୁପୋଯୋଗୀ ସ୍ମାର୍ଟ ହେଲ୍‌ମେଟ୍‌କୁ ତିଆରି କରିଛନ୍ତି ବାରାଣସୀର ଛାତ୍ର ଆଶିଷ ତ୍ରିପାଠୀ, ବିପିନ ଓ ସୁଲେଖା। ଟ୍ରାଫିକ୍‌ର ରେଡ୍ ଲାଇଟ୍ ଜଳିବା କ୍ଷଣି ଏହି ହେଲମେଟ୍ ଗାଡିର ଷ୍ଟାର୍ଟ ବନ୍ଦ କରିଦେବ। ଗ୍ରୀନ୍ ଲାଇଟ୍ ଜଳିବା ସହ ଗାଡି ଷ୍ଟାର୍ଟ ହୋଇଯିବ। ଟ୍ରାଫିକ୍ ସିଗ୍ନାଲ୍‌ର ୫୦ ମିଟର୍ ପରିସର ଭିତରକୁ ଆସିବା କ୍ଷଣି ଏହା କାମ ଆରମ୍ଭ କରିଦିଏ। ଏଥିରେ ଲାଗିଥିବା ଟ୍ରାନ୍ସମିଟର ଯୋଗୁ ଦୁର୍ଘଟଣା ସମୟରେ ବହୁତ ସାହାଯ୍ୟ ମିଳିଥାଏ। ବିପିନ କହନ୍ତି, 'ଆମର ପୂରା ସିଷ୍ଟମ୍ ରେଡିଓ ଫ୍ରିକ୍ୱେନ୍ସି ଟ୍ରାନ୍ସମିଟର୍ ଦ୍ୱାରା କାମ କରିଥାଏ। ଏଥିରେ ୨ଟି ଟ୍ରାନ୍ସମିଟର ଓ ରିସିଭର୍ ଲାଗିଛି। ରିସିଭର୍‌ଟି ବାଇକ୍‌ରେ ଲାଗିଛି। ଗୋଟିଏ ଟ୍ରାନ୍ସମିଟର୍ ହେଲ୍‌ମେଟ୍‌ରେ ଲାଗିଛି, ଯାହା ପିନ୍ଧିବା କ୍ଷଣି ଆକ୍ଟିଭ ହୋଇଥାଏ। ଗାଡିରେ ଲାଗିଥିବା ରିସିଭର୍ ଅନ୍ କରି ହେଲମେଟ୍ ପିନ୍ଧିଦେଲେ ବାଇକ୍ ଆପେ ଷ୍ଟାର୍ଟ ହୋଇଯାଏ। ଆଉ ଏକ ଟ୍ରାନ୍ସମିଟର୍ ଟ୍ରାଫିକ୍ ସିଗ୍ନାଲ ସିଷ୍ଟମ୍ ପାଖରେ ଲଗାଯିବ। ଫଳରେ ରେଡ୍ ସିଗ୍ନାଲ୍ ବେଳେ ଗାଡିରେ ଲାଗିଥିବା ରିସିଭର୍ ଟ୍ରାନ୍ସମିଟର୍ ସଂସ୍ପର୍ଶରେ ଆସି ଗାଡିକୁ ବନ୍ଦ କରିଦେବ। ସିଗ୍ନାଲ ଗ୍ରୀନ୍ ହେଲେ ଅଟୋମେଟିକ୍ ବାଇକ୍ ଷ୍ଟାର୍ଟ ହୋଇଯିବ। କେବଳ ସେତିକି ନୁହେଁ ଦୁର୍ଘଟଣାବେଳେ ହେଲମେଟ୍‌ରେ ଥିବା ସେନ୍ସର୍ ଦୁର୍ଘଟଣାସ୍ଥଳର ଲୋକେଶନ୍ ପୋଲିସ୍, ଆମ୍ବୁଲାନ୍ସ ଓ ପରିବାର ଲୋକଙ୍କୁ ପଠାଇଦେବ।'

## କାର୍ଟୁନ କର୍ନର









# ନାଟକ ଯାହାଙ୍କ ଜୀବନ



ସଞ୍ଜ ନଇ ଆସୁଥାଏ । ଆଉ ମାତ୍ର କିଛିକ୍ଷଣ ପରେ ରାତି ହୋଇଯିବ। ଏହି ସମୟରେ ଯାତ୍ରା ମଞ୍ଚ ପାଖରେ ଲୋକଙ୍କ ଭିଡ଼ ଜମୁଥାଏ। ଖୁଣ୍ଟରେ ବନ୍ଧା ଯାଇଥିବା ପେଟ୍ରୋମାକ୍ସର ଆଲୁଅ ରାତିର ଅନ୍ଧାରକୁ ଭେଦି ବେଶ୍ ତେଜୀୟାନ ହୋଇ ଜଳୁଥାଏ। ଏତିକି ବେଳେ ମଞ୍ଚକୁ ପ୍ରବେଶ କରିଲେ ଜଣେ ଛୋଟ ବାଳକ। ତାଙ୍କର ନିଖୁଣ ଅଭିନୟ ଦେଖି ଦର୍ଶକ ଖୁବ ପ୍ରଶଂସା କରିଥିଲେ। ତେବେ ସେହି ବାଳକ ସେବେଠାରୁ ଆଉ ପଛକୁ ଚାହିଁନାହାନ୍ତି। ଅଭିନୟରେ ରୁଚି ରଖି ପ୍ରାୟ ୬ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଯାତ୍ରା, ଥିଏଟର, ଟିଭି ଧାରାବାହିକ ଓ ଚଳଚ୍ଚିତ୍ର ଆଦି ବିଭିନ୍ନ କ୍ଷେତ୍ରରେ ସେ ଅଭିନୟ କରି ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର ସାଧନା ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ସମେତ ଓଡ଼ିଶା ସଂଗୀତ ନାଟକ ଏକାଡେମୀରୁ ମିଳିଛି ପୁରସ୍କାର ଓ ସମ୍ମାନ। ସେ ହେଲେ ଇଂ. ନିରଞ୍ଜନ ସାହୁ। ଜନ୍ମ ୫।୨।୧୯୪୮ ମସିହାରେ। ପିତା ଉପେନ୍ଦ୍ର ସାହୁ। ମା' ଉଲ୍ଲସ ଦେବୀ। ଘର କଟକ ଜିଲ୍ଲା, ମହାଙ୍ଗା ଥାନା ଅଧୀନ ରାହାଣିଆ ଗ୍ରାମରେ। ସେ କୁହନ୍ତି, 'ବାପା ମା'ଙ୍କର ତିନି ପୁଅଝିଅଙ୍କ ମଧ୍ୟରେ ମୁଁ ଏକମାତ୍ର ପୁଅ। ବାପା ତାଙ୍କ ପିଲାଦିନେ ରାତିରେ ମଶାଲ ଜାଳି ଯାତ୍ରା କରୁଥିଲେ। ଆମ ଘର ଏକ କଳାକାର ପରିବାର। ଗାଁରେ ମୋ ବାପାଥିଲେ ଶ୍ରୀଶ୍ରୀ ଭଗବତୀ ନାଟ୍ୟ ସଂସଦର ପରିଚାଳକ। ସେ ସମସ୍ତକଥା ବୁଝାଶୁଝା କରୁଥିଲେ। ପରିବାରର ଅନ୍ୟମାନେ କଳାକ୍ଷେତ୍ର ପ୍ରତି ରୁଚି ରଖିଥାନ୍ତି। ମୋର ମନେପଡୁଛି ସେତେବେଳେ ଆମ ଗାଁରେ ବିଦ୍ୟୁତ୍ ଆଲୁଅର କିଛି ସୁବିଧା ନ ଥିଲା । ମୋତେ ଯେତେବେଳେ ମାତ୍ର ୭ବର୍ଷ ହୋଇଥିଲା। ଘରୁ ନେଇଥିବା ହଳଦୀ ଓ ପାଉଡରକୁ ମୁହଁରେ ବୋଳି ମଞ୍ଚ ଅଭିନୟରେ ନିଜକୁ ହଜେଇ ଦେବାରେ ଅସରନ୍ତି ଆନନ୍ଦ ପାଉଥିଲୁ। ଅଭିନୟରେ ବହୁ ପ୍ରଶଂସା ମିଳୁଥିଲା। ସମୟକ୍ରମେ ଆଖପାଖ ଗାଁରେ ଯେଉଁଠି ଡ୍ରାମା ହେଉଥିଲା ଶିଶୁ କଳାକାରଭାବେ ଅଭିନୟ ପାଇଁ ମତେ ଡାକରା ଆସିଲା। ସାଇକେଲରେ ବସାଇ ମତେ ସେଠାକୁ ନେଉଥିଲେ। କୁସୁପୁର ପଲ୍ଲୀକବି ନନ୍ଦକିଶୋର ବଳ ବିଦ୍ୟାମନ୍ଦିରରେ ପଢୁଥିବା ବେଳେ ଡ୍ରାମାରେ ଅଭିନୟ କରୁଥାଏ। ପ୍ରଥମ ଓଡ଼ିଆ ନାଟକ- 'ବାବାଜୀ'ର ନାଟ୍ୟକାର ଜଗନମୋହନ ଲାଲାଙ୍କ ପ୍ରତିଷ୍ଠିତ ରାଧାକାନ୍ତ ରଙ୍ଗମଞ୍ଚରେ ଯୋଗ ଦେଇଥିଲି। ବୈଷ୍ଣବ ପାଣି ଆମ ପାଇଁ ନାଟକ ଲେଖୁଥିଲେ। ମୋ ବାପା ବି ନିର୍ଦ୍ଦେଶନା ଦେଉଥିଲେ। ସେଥିରେ ଶିଶୁ କଳାକାରଭାବେ ଭାଗ ନେଇଛି। ସ୍କୁଲ ପଢ଼ାସରିବା ପରେ ଯାଇ କଟକରେ କଲେଜ ପଢ଼ିଲି। ବ୍ରଜମୋହନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକରେ ମଧ୍ୟ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲି। ପ୍ରତିବର୍ଷ ରଜକୁ ଆମ ଗାଁରେ ସୌରଭ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଅଭିନୟ କରୁଥିଲି। ୧୯୬୮ ମସିହାରେ ସଂଗୀତ ମହାବିଦ୍ୟାଳୟରେ ଅଭିନୟରେ ଡିପ୍ଲୋମା ପଢୁଥିବା ବେଳେ ଅଜିତ ଦାସ ଓ ବିଜୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନେକ ନାଟକରେ ଅଭିନୟ କରିଛି। ସମ୍ବଲପୁର ଚିପିଲିମାରେ ଜଣେ ଇଞ୍ଜିନିୟର ଭାବେ ଚାକିରି କରିଲି । ସେଠାରେ କେତେକ ନାଟ୍ୟ ସଂସ୍ଥାରେ ଯୋଗ ଦେବାର ସୁଯୋଗ ମିଳିଛି। ସମୟକ୍ରମେ ଓଡ଼ିଶାର ସୁନ୍ଦରଗଡ଼, କଳାହାଣ୍ଡି, କୋରାପୁଟ, ରାଉରକେଲା, ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର, କଟକ ଆଦି ଜିଲାର ବିଭିନ୍ନ ଅଞ୍ଚଳରେ ଅଭିନୟ କରିବାକୁ ଯାଇଛୁ। ଏପରି କି ଓଡ଼ିଶା ବାହାରେ ଦିଲ୍ଲୀ, ନର୍ଲାକୁ ଯାଇଛୁ। ମନନ ନାଟ୍ୟସଂସ୍ଥାର ପ୍ରତିଷ୍ଠାତା ଭାବେ ଭିନ୍ନ ପରିଚୟ ରହିଛି। ନାଟ୍ୟଚେତନା ପରି ଏକାଧିକ ନାଟ୍ୟ ଅନୁଷ୍ଠାନରେ ଯୋଗଦେଇଛି। ୬୨ବର୍ଷ ଧରି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ନାଟକ ଓ ବହୁ ଟିଭି ଧାରାବାହିକରେ ଅଭିନୟ କରିସାରିଛି। ନାଟକରେ ବିଶେଷକରି ଚରିତ୍ର ଅଭିନେତା ଭାବେ ଅଭିନୟ କରିଥାଏ। ନାଟ୍ୟ ଚେତନାର 'କାଠ' ନାଟକକୁ ପ୍ରାୟ ଏକମାସରୁ ଊର୍ଦ୍ଧ୍ୱ ସମୟଧରି ଓଡ଼ିଶାର ବିଭିନ୍ନ ଗଳିକନ୍ଦିରେ ପ୍ରଦର୍ଶନ କରି ଖୁବ ପ୍ରଶଂସିତ ହୋଇପାରିଛୁ। ୧୯୮୫ମସିହାଠାରୁ ୨୦୧୨ ଯାଏ ଟେଲିଭିଜନ ନାଟକରେ ଯଥା- 'ସ୍ୱଭାବ ଛାଡ଼ିବ କେମିତି', 'ଅନ୍ୟ ଦିନ ଅନ୍ୟ ଲୋକ', 'ବାବା ସାହେବ ଆମ୍ବେଡକର', 'ଦେବୀ ଦୁର୍ଗା', 'ଆହୁତି', 'ଘଟଣା ଚରିତ୍ର ସବୁ ସାଧାରଣ', 'ନବାବକୁ ଜବାବ', 'ଅସଲି ନକଲି' , 'ସାବତ ମା', 'ଶ୍ରୀଜଗନ୍ନାଥ'। ସେହିପରି ୧୯୫୭ରୁ ୧୯୭୪ ମଧ୍ୟରେ ମୁଖ୍ୟତଃ ' ବୈରାଗୀ ସଂସାର', 'ଉଭରକବାଟ', 'ଦଳବେହେରା', 'ବିଷପୀୟୂଷ', 'ବିଭୀଷିକା', 'କାଚ କାଞ୍ଚନ', 'ଲକ୍ଷହୀରା', 'ଭୁଲିହୁଏନା', ଶେଷଶ୍ରାବଣ', 'ଚନ୍ଦ୍ରଭାନୁ', 'ଅଖଣ୍ଡ ଜ୍ୟୋତି', 'ଅପରାଧୀ କିଏ'. 'ବିବର୍ଣ୍ଣ ପୃଥିବୀ'। ୧୯୭୬ରୁ ୨୦୧୪ ମଧ୍ୟରେ- 'ଅସୁସ୍ଥ ଅପରାହ୍ନ', ଅନର୍ଥ, ଚିଙ୍ଗୁଡ଼ି, ପାଣ୍ଡୁପ୍ରଧାନ ଚାଳିଘର' ଆଦି ବହୁ ନାଟକରେ ଅଭିନୟ କରିସାରିଛି। ଟେଲିଫିଲ୍ମ -'ଫଟା କପାଳ', ଫିଚର ଫିଲ୍ମ-'ଗଙ୍ଗା ଯମୁନା' ଏବଂ ଟିଭି ଧାରାବାହିକ- ବାଜି, ଅସଲି, ନକଲି ଇତ୍ୟାଦି ପ୍ରାୟ ୧୫ଟିରେ ଅଭିନୟ କରିସାରିଛି। ୱାର୍ଲ୍ଡ କଂଗ୍ରେସ ଡ୍ରାମା ଥିଏଟରରେ ବେରିଙ୍ଗ ନରୱେ-୨୦୦୧ରେ, ଅନ୍ତର୍ଜାତୀୟ ଲୋକକଳା ଥିଏଟର ଉତ୍ସବରେ ଫିଲ୍ୟାଣ୍ଡରେ ୨୦୦୧ରେ ଯୋଗ ଦେଇଛି। ଶତାବ୍ଦୀର କଳାକାର, କଳିଙ୍ଗନାଟ୍ୟ ମହୋତ୍ସବ, ୨୦୧୬-ପଞ୍ଚମବେଦ ସମ୍ମାନ, ୨୦୧୮ରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ନାଟ୍ୟ ଅଭିନେତା ସମ୍ମାନ ଏବଂ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ମିତ୍ର ସମ୍ମାନ ମିଳିଛି। ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ ଭିନ୍ନ ପରିଚୟ ରହିଛି। ମୋ ପରିବାର କହିଲେ, ମୋ ପତ୍ନୀ, ଦୁଇପୁଅ,ଗୋଟିଏ ଝିଅ। ହଁ ଗୋଟିଏ କଥା ମନେପଡୁଛି-'ପାଣ୍ଡୁପ୍ରଧାନ ଚାଳିଘର'ରେ ପାଇକଗୁରୁ ଚରିତ୍ରରେ ଅଭିନୟ କରୁଥାଏ। ଶୋଇଥିବା ବେଳେ କେହି ଈର୍ଷାନିତ୍ୱ ହୋଇ ପୋଷାକରେ ନିଆଁ ଲଗାଇ ଦେଇଥିଲା ହଠାତ୍ ନିଦଭାଙ୍ଗିବାରୁ ବାହାରକୁ ଦୌଡ଼ିଆସିଥିଲି। ମାତ୍ର ନାଟକ ସରିଲା ପରେ ଜାଣିଲି ଆଙ୍ଗୁଠି ନଖଟି କଟି ଯାଇ ରକ୍ତ ଝରୁଥିଲା । କିନ୍ତୁ ମଞ୍ଚରେ ନାଟକ ନିଶାରେ ସବୁ ଭୁଲିଯାଇଥିଲି। ସଂଳାପଟିଏ ମନେ ପଡୁଛି- ହଁ...ରେ ଗୁମାନ, ପରିଣତ ବୟସରେ ଜୀବନଟା ବଡ଼ ଦୁର୍ବିଷହ ହୋଇପଡ଼େ! ନା ତମ ନିଜର ସ୍ୱାସ୍ଥ୍ୟ ତମର ହୋଇ ରହେ, ନା ଆତ୍ମୀୟ ମାନେ! ମୁରବି ଆସନରେ ବସି ନିର୍ଦ୍ଦେଶ ଦେଉଥିବା ଲୋକଟା ଏବେ ନିର୍ଦ୍ଦେଶ ଦେବା ବଦଳରେ ନିର୍ଦ୍ଦେଶମାନିବାକୁ ବାଧ୍ୟ ହୁଏ! ନିଜର ପସନ୍ଦ ଅପସନ୍ଦକୁ ଭୁଲି ପିଲାମାନଙ୍କ ହଁରେ.. ହଁ କରିବାକୁ ହୁଏ। କିନ୍ତୁ ଏବେ ବୟସର ଅପରାହ୍ନରେ ଥକି ପଡ଼ିନି ପାଦ ବରଂ ଆଗକୁ ଆଗ ଚାଲିବାରେ ମନରେ ରହିଛି ଅଦମ୍ୟ ଉତ୍ସାହ ଓ ସାହସ। ନାଟକ ଅଭିନୟରେ ଦେଖେ ଜୀବନର ଚିତ୍ର।

-ବନବିହାରୀ ବେହେରା





ବ୍ୟାକ୍ ପେଜ୍







# ପ୍ୟାଣ୍ଟସୁଟ୍ ପିନ୍ଧା କନିଆ

ଭାରତୀୟ ବିବାହରେ କନିଆର ଶୃଙ୍ଗାର୍ ସବୁଠୁ ଆକର୍ଷକ ହୋଇଥାଏ। ଲାଲରଙ୍ଗର ଶାଢ଼ି ଅବା ଲେହେଙ୍ଗା ସାଙ୍ଗକୁ ହାତରେ ମେହେନ୍ଦୀ। ସୁନ୍ଦର କେଶସଜ୍ଜା ସହ ସୁନ୍ଦର ମେକ୍ଅପ୍। ଫଳରେ ସେଦିନ କନିଆ ଲାଗେ ଲାଲ ପରୀଟିଏ ଭଳି। ହେଲେ ବଦଳୁଥିବା ଯୁଗ ସହ ବିବାହକୁ ଖାସ୍ କରିବା ଚକ୍କରରେ କେତେଜଣ କନିଆ ନିଜ ଲୁକ୍ ଉପରେ କରୁଛନ୍ତି ଏକ୍ସପେରିମେଣ୍ଟ। ଯେମିତି କି ଇଣ୍ଡୋ-ଆମେରିକୀୟ ବିଜନେସ୍ ଓମେନ୍ ସଞ୍ଜନା ରିଷୀ ନିଜ ବାହାଘରେ ମହଙ୍ଗା ଗର୍ଜିୟସ୍ ଲେହେଙ୍ଗା ନ ପିନ୍ଧି, ପିନ୍ଧିଥିଲେ ସିମ୍ପଲ ପ୍ୟାଣ୍ଟସୁଟ୍। ସଞ୍ଜନା କହନ୍ତି, 'ମତେ ପ୍ୟାଣ୍ଟସୁଟ୍ ବହୁତ ପସନ୍ଦ। ତାକୁ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗେ। ତେଣୁ ବିବାହରେ ବି ପ୍ୟାଣ୍ଟସୁଟ୍ ପିନ୍ଧିବାକୁ ନିଷ୍ପତ୍ତି ନେଇଥିଲି।' ତେବେ ଖାସ୍ କଥା ହେଲା ବିବାହରେ ପିନ୍ଧିଥିବା ସେହି ପାଉଡର୍ ବ୍ଲୁ ରଙ୍ଗର ପ୍ୟାଣ୍ଟସୁଟ୍ ନୂଆ ନ ଥିଲା। ତାକୁ ସେ ବହୁ ପୂର୍ବରୁ ଇଟାଲୀର ଏକ ବୁଟିକ୍ରୁ କିଣିଥିଲେ। ସେହି ପ୍ୟାଣ୍ଟସୁଟ୍ ସହିତ ସେ ମୁଣ୍ଡରେ ଓଢ଼ଣି, କାନରେ ଝୁମୁକା ସହ ଲେୟର୍ଡ ଜୁଏଲେରି ବି ପିନ୍ଧିଥିଲେ। କପାଳରେ ଝୁଲୁଥିଲା ମଥାମଣି। ଆଉ ସିମ୍ପଲ ଖୋସା ସହ ଆଖିରେ ଲାଇଟ୍ ପିଙ୍କ କଲର୍ର ଆଇଶ୍ୟାଡୋ ଓ ଓଠରେ ଲାଇଟ୍ ପିଙ୍କ କଲର୍ର ଲିପ୍ଷ୍ଟିକ୍ ଲଗାଇଥିଲେ। ଫଳରେ ତାଙ୍କ ଲୁକ୍ ଲାଗୁଥିଲା ସବୁଠୁ ଭିନ୍ନ।

# ସ୍ମାର୍ଟ ବ୍ୟାଗ୍

କରୋନାର ଲହରରେ ପୁଣିଥରେ ସାରା ଭାରତବାସୀ ହନ୍ତସନ୍ତ ହେଉଛନ୍ତି। ସବୁକିଛି ଠିକ୍ ହୋଇଯିବା ଆଶା ପୁଣିଥରେ ମଉଳି ଯାଇଛି। ଖୋଲିଥିବା ସ୍କୁଲ କଲେଜ୍ ପୁଣିଥରେ ବନ୍ଦ ହୋଇଛି। ତେବେ ବାରାଣସୀରେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ର ପୁଷ୍କର ସିଂ ତିଆରି କରିଛନ୍ତି ଏମିତି ଏକ ଜିନିଷ, ଯାହାକୁ ବ୍ୟବହାର କଲେ ଛାତ୍ରୀଛାତ୍ରଙ୍କ ପାଇଁ ରହିବନି କରୋନାର ସଂକ୍ରମଣର ଏତେଟା ଭୟ। ସେହି ଜିନିଷଟି ହେଉଛି ଏକ ବ୍ୟାଗ୍। ବାରାଣସୀର ଆର୍ୟନ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ପୁଷ୍କର କହନ୍ତି, 'ମୋର



ଏହି ବ୍ୟାଗ୍ ହେଉଛି ଏକ ଆଣ୍ଟି କରୋନା ସ୍ମାର୍ଟ ବ୍ୟାଗ୍। ଏହାଦ୍ୱାରା ସୋସିଆଲ ଡିଷ୍ଟାନ୍ସ ବଜାୟ ରହିବ। ତା'ସହ ପିଲା ଯଦି ହଜିଯାଆନ୍ତି, ତେବେ ଏହା ଲୋକେଶନ୍ ଜଣେଇଦେବ। କାରଣ ବ୍ୟାଗର ଆଗରେ ପଛରେ ଦୁଇଟି ଅଲ୍ଟ୍ରାସୋନିକ ସେନ୍ସର ଲଗାଯାଇଛି। ବ୍ୟାଗକୁ ପିଠିରେ ଝୁଲାଇବା କ୍ଷଣି ସେନ୍ସର ଆକ୍ଟିଭ୍



ହୋଇଯାଏ। ଆଉ ପିଲାଟିର ବାମ ଡାହାଣର ଦୁଇ ଗଜ ଦୂରତା ପରିବ୍ୟାପ୍ତ ଅଞ୍ଚଳରେ ଯଦି କେହି ଆସିଯାଆନ୍ତି ତେବେ ସଙ୍ଗେ ସଙ୍ଗେ ଆଲାର୍ମ ବାଜି ଉଠିବ। ଫଳରେ ପିଲା ସତର୍କ ହୋଇଯିବେ। ଏହାବ୍ୟତୀତ ଏଥିରେ ଏକ ବିଶେଷ ପ୍ରକାରର ବାର୍କୋଡ ଲାଗିଛି; ଯେଉଁଥିରେ ବାପାମା'ଙ୍କ ନାଁ, ଫୋନ୍ ନମ୍ବର ଓ ଠିକଣା ଥାଏ। ତେଣୁ ପିଲା ହଜିଗଲେ ଏହା ସାହାଯ୍ୟରେ ପିଲାଙ୍କୁ ଖୋଜିବା ସହଜ ହେବ। ଏହାକୁ ତିଆରି କରିବାକୁ ପୁଷ୍କରଙ୍କୁ ଏକ ସପ୍ତାହ ସମୟ ଲାଗିଥିଲା। ଏଥିରେ ସେ ଅର୍ଡିନୋ, ଅଲ୍ଟ୍ରାସୋନିକ୍ ସେନ୍ସର୍, ୩.୭ ଭୋଲ୍ଟ ବ୍ୟାଟେରି, ଆଲାର୍ମ, ପୁଶ୍ ସ୍ୱିଚ୍ ଓ ବାର୍କୋଡ୍ ବ୍ୟବହାର କରିଛନ୍ତି। ଆଉ ଖର୍ଚ୍ଚ କରିଛନ୍ତି ୧୫୦୦-୨୦୦୦ଟଙ୍କା।

# ଶ୍ୱଶୁର ଘର ପରି ଖାଇବା

କିଛି ରେଷ୍ଟୁରାଣ୍ଟ ନିଜ ବିଜ୍ଞାପନରେ 'ଘର ପରି ଖାଦ୍ୟ' ଲେଖି ଥାଆନ୍ତି। ଯେମିତି କି ଘର ପରି ଖାଦ୍ୟ ପାଇବା ଲାଗି ଗ୍ରାହକ ଟାଣି ହୋଇ ଆସିବେ। ତେବେ ଛତିଶଗଡର ରାୟପୁରରେ ଅଛି ଏମିତି ଏକ ରେଷ୍ଟୁରାଣ୍ଟ, ଯେଉଁଠି ଘର ପରି ଖାଦ୍ୟ ନୁହେଁ ବରଂ 'ଶ୍ୱଶୁର ଘର ପରି ଖାଇବା' ମିଳେ ବୋଲି ରେଷ୍ଟୁରାଣ୍ଟ ବାହାରେ ଲାଇଟ୍ରେ ବଡ ବଡ ଅକ୍ଷରେ ଲେଖା ଯାଇଛି। ସେହି ରେଷ୍ଟୁରାଣ୍ଟର ନାମ ହେଉଛି 'ସୁରୁଚି'। ଏହି ରେଷ୍ଟୁରାଣ୍ଟର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ଏହାର ୟୁନିକ ନାଁ ପାଇଁ ବହୁତ ପସନ୍ଦ କରୁଛନ୍ତି। କେହି କେହି କହୁଛନ୍ତି ଏହା ବୋଧହୁଏ ଖାଲି ବିବାହିତଙ୍କ ପାଇଁ। ତେବେ ଅବିବାହିତ ଯିବେ କୁଆଡ଼େ? ଏହାର ନାଁକୁ ନେଇ ସୋସିଆଲ ମିଡିଆରେ ଅନେକ ମଜାଦାର କମେଣ୍ଟ ଦିଆଯାଉଛି।

